ସକାଳ
THE SAKALA



## ସମ୍ବଲପୁର ଲଳିତ କଳା ଏକାଡେମୀ

# ପଶ୍ଚିମ ଓଡ଼ିଶା କଳାକାରଙ୍କୁ ପ୍ରୋତ୍ସାହିତ କରୁଛି









**ସମ୍ବଲପୁର, ୩୦।୩(ସମିସ)**

ରାଜ୍ୟ ସରକାର ସବୁବେଳେ କଳାକୁ ପ୍ରୋତ୍ସାହନ ଦେଇଥାନ୍ତି। ଏଥିପାଇଁ ଦୁଇବର୍ଷ ପୂର୍ବେ ସମ୍ବଲପୁର ସହରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ନିର୍ମାଣ କରାଯାଇଥିଲା। ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶା କଳାକାରଙ୍କ ଚିତ୍ରକଳା ପ୍ରଦର୍ଶନ ପାଇଁ ଏହି ଗ୍ୟାଲେରୀ ଏକ ଉତ୍ତମ ମାଧ୍ୟମ ସାଜିଛି। ବିଭିନ୍ନ ଅଞ୍ଚଳରୁ ଅନେକ କଳାକାର ସମ୍ବଲପୁର ସହର ଆସି ଏହି ଲଳିତ କଳା ଏକାଡେମୀରେ ଚିତ୍ରକଳା ପ୍ରଦର୍ଶନ କରୁଛନ୍ତି।

ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳ ମହାନଦୀ କୂଳରେ ୨୦୨୧ମସିହା ଡିସେମ୍ବର ୩୧ତାରିଖରେ ଓଡ଼ିଶା ଲଳିତ କଳା ଏକାଡେମୀର ଶୁଭାରମ୍ଭ ହୋଇଥିଲା। କଳାକାରମାନେ ସେମାନଙ୍କ ଚିତ୍ରକଳା ପ୍ରଦର୍ଶନୀ କିପରି ଭାବେ କରିବାର ସୁଯୋଗ ପାଇବେ ତାହା ଏହି ଏକାଡେମୀର ଉଦ୍ଦେଶ୍ୟ ଥିଲା। ଆଜିପର୍ଯ୍ୟନ୍ତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ପ୍ରଦର୍ଶନୀ ହୋଇସାରିଛି। ଲଳିତ କଳା ଏକାଡେମୀ ପକ୍ଷରୁ ନିତିଦିନ ଚିତ୍ର ପ୍ରଦର୍ଶନୀ ହୋଇଥାଏ। ସଞ୍ଜୟ ସାହୁ ଓ ପ୍ରସାନ୍ତ ମାଝୀଙ୍କ ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ୨ରୁ ୩ଟି ଆର୍ଟ ଓ କ୍ରାଫ୍ଟ ପ୍ରଦର୍ଶନୀ କରାଯାଇଛି। ସେହିପରି ବନ୍ଦନା ପଣ୍ଡା ଆର୍ଟ କ୍ରାଫ୍ଟର ୩ଟି, ବ୍ରଜ କିଶୋର ଷଡ଼ଙ୍ଗୀ କାଠପୋଡ଼ାରୁ କଳାଚିତ୍ର ପ୍ରଦର୍ଶିତ ହୋଇଛି। ସୁନ୍ଦରଗଡ଼ କଳାୟତନ କଲେଜରୁ ୭ଦିନ ଧରି ଚିତ୍ରକଳା ପ୍ରଦର୍ଶନ ହୋଇଥିଲା। ପ୍ରତିବର୍ଷ ନୂଆଁଖାଇ ସମୟରେ ସମ୍ବଲପୁର କଳା ଐତିହ୍ୟକୁ ନେଇ ୩ଦିନିଆ ପ୍ରଦର୍ଶନୀ ହୋଇଥାଏ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏଠାକୁ ଆସି ଚିତ୍ରକଳା ପ୍ରଦର୍ଶନ କରିବାରେ ସୁଯୋଗ ପାଇପାରୁଛନ୍ତି। ସମ୍ବଲପୁର ଇଷ୍ଟଦେବୀ ମା'ସମଲେଶ୍ୱରୀଙ୍କ ଭକ୍ତଙ୍କ ପ୍ରତିଦିନ ଏକାଡେମୀରେ ଭିଡ଼ ଲାଗିଥାଏ। ଅନେକ ଭକ୍ତ ପରିଦର୍ଶନ କରି ଚିତ୍ର ଦେଖିଥାନ୍ତି। ଏହି ଏକାଡେମୀରେ ସମୁଦାୟ ତିନୋଟି ପ୍ରଦର୍ଶନୀ କକ୍ଷ ରହିଛି। ଏକା ସମୟରେ ୧୦୦ରୁ ଊର୍ଦ୍ଧ୍ୱ ପେଣ୍ଟିଂ ଲାଗିବାର କ୍ଷମତା ରହିଛି। ଏହାକୁ ବୁକିଂ କରିବାକୁ ହେଲେ ୭ଦିନ ପାଇଁ ୫ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଏହି ଟଙ୍କା ବାବଦରେ ପ୍ରଦର୍ଶନୀ କକ୍ଷ, ଏସି, ପାଣିର ସମସ୍ତ ସୁବିଧା ଯୋଗାଇ ଦିଆଯାଇଥାଏ। ୨୦୬୫ କ୍ଷେତ୍ରବର୍ଗ ଫୁଟରେ ଥିବା ଏହି ଏକାଡେମୀକୁ ଅନେକ ପ୍ରତିଷ୍ଠିତ ବ୍ୟକ୍ତି ପରିଦର୍ଶନରେ ଆସିଛନ୍ତି। ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଏକାଡେମୀ ପରିଭ୍ରମଣ କରି ଭୂରି ପ୍ରଂଶସା କରିଛନ୍ତି। ସେହିପରି ଚିତ୍ରଶିଳ୍ପୀ ଭୋଳାନାଥ ନାଏକ, ବନ୍ଧାବନ ମହାରଣା, ଡ. କାଳିଦାସ ମିଶ୍ର ମଧ୍ୟ ପ୍ରଦର୍ଶନୀ ଦେଖିବାକୁ ଆସିଛନ୍ତି। ପ୍ରଦର୍ଶନୀବେଳେ ଚିତ୍ର ମଧ୍ୟ ବିକ୍ରି ହୋଇଥାଏ। ସମ୍ବଲପୁରର ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣାଙ୍କ ଆକ୍ରେଲିକ କାନଭାସ ପେଣ୍ଟିଂ ଏହି ପ୍ରଦର୍ଶନୀରେ ୮୫ ହଜାର ଟଙ୍କାରେ ବିକ୍ରି ହୋଇଛି।

### ବିଦ୍ୟାପତି ପ୍ରଧାନ



ପୂର୍ବରୁ ଆମ ଅଞ୍ଚଳର କଳାକାରମାନେ ଚିତ୍ରକଳା କୃତି କରି ତାକୁ ପ୍ରଦର୍ଶିତ କରିବାର ସୁଯୋଗ ପାଇପାରୁ ନଥିଲେ। ବାଧ୍ୟରେ ଟେଣ୍ଟ ଲଗାଉଥିଲେ। କିନ୍ତୁ ସରକାରଙ୍କ ଏହି ପଦକ୍ଷେପ ପାଇଁ ଏବେ ସହଜରେ ଲଳିତ କଳା ଏକାଡେମୀରେ ବିଭିନ୍ନ ରକମର କଳା ପ୍ରଦର୍ଶିତ ହୋଇପାରୁଛି। ବାହାରୁ ପର୍ଯ୍ୟଟକମାନେ ଆସି ଏହାର ଆନନ୍ଦ ନେଇପାରୁଛନ୍ତି। ପ୍ରତିଦିନ ଆମ ଏକାଡେମୀ ପକ୍ଷରୁ ଚିତ୍ରହଲ ଗୁଡ଼ିକରେ ଲାଗିଥାଏ।

**ପରିଚାଳକ**
**ଲଳିତ କଳା ଏକାଡେମୀ**

## ଓକିଲ ସଂଘ ନିର୍ବାଚନ

**ରେଢ଼ାଖୋଲ, ୩୦।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଆଇନଜୀବୀ ଦେବେନ୍ଦ୍ର କୁମାର ନାୟକ ନିର୍ବାଚନ ପରିଚାଳନା କରିଥିଲେ। ଏଥିରେ ସଭାପତି ଅଭୟ କୁମାର ବିର, ଉପସଭାପତି ସୁଜିତ କୁମାର ପ୍ରଧାନ, ସମ୍ପାଦକ ଅଚ୍ୟୁତାନନ୍ଦ ପୁରୋହିତ, ଯୁଗ୍ମସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ସହସମ୍ପାଦକ ପରୀକ୍ଷିତ ଦାସ, କୋଷାଧ୍ୟକ୍ଷ ଜନ୍ମେଜୟ ସାହୁ, ଗ୍ରନ୍ଥାଗାର ରକ୍ଷକ ଭାବରେ ନଗେନ କୁମାର ବିଶ୍ୱାଳଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭାବରେ ଶମ୍ଭୁ ପ୍ରସାଦ ପ୍ରଧାନ, ଶିବ ପ୍ରସାଦ ପ୍ରଧାନ, ବିମଳ ଚନ୍ଦ୍ର ପ୍ରଧାନ, ସଜଳକାନ୍ତ ପାଲ, ଗଣେଶ୍ୱର ପ୍ରଧାନ, ଦୟାସାଗର ପ୍ରଧାନ, ନାରାୟଣ ଚନ୍ଦ୍ର ତ୍ରିପାଠୀ, ହାରୁନ ଖାଁ, ଉମାକାନ୍ତ ମହାନନ୍ଦ ପ୍ରମୁଖ ଙ୍କୁ ସର୍ବ ସହମତିକ୍ରମେ ଚୟନ କରାଯାଇଥିଲା।

## ବରଦାନନ୍ଦ ସଭାପତି ଓ ସୁରେନ୍ଦ୍ର ସମ୍ପାଦକ

**କୁଚିଣ୍ଡା, ୩୦।୩(ସମିସ):** ଶନିବାର କୁଚିଣ୍ଡା ବାର୍ ଆସୋସିଏସନ୍ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ବରଦାନନ୍ଦ ଶର୍ମା ସଭାପତି ଓ ସୁରେନ୍ଦ୍ର ନାଏକ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। କୁଚିଣ୍ଡା ବାର୍ ଆସୋସିଏସନର ପ୍ରଫୁଲ୍ଲ କୁମାର ବାରିକ ଉପସଭାପତି, ପ୍ରବୀଣ କୁମାର ପୁରୋହିତ ସହସମ୍ପାଦକ, ତୁଲାରାମ ବାଘ ପାଠାଗାର ସହସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଧର୍ମେନ୍ଦ୍ର ବର୍ମା, ଜୟନ୍ତ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ପଣ୍ଡା, ପ୍ରତାପ କୁମାର ପରିଡ଼ା, ସଞ୍ଜୟ ବେହେରା ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନ ପକ୍ରିୟାକୁ ନିର୍ବାଚନ



ଅଧିକାରୀ ହୃଦାନନ୍ଦ ଶର୍ମା ଓ ସହନିର୍ବାଚନ ଅଧିକାରୀ ଦିଲ୍ଲୀପ କୁମାର ପୃଷେଠ୍ ସମ୍ପାଦନା କରିଥିଲେ।

## ଝିଅ ବାହାଘରରେ ସହଯୋଗର ହାତ ବଢ଼ାଇଲେ ସମାଜସେବୀ

**ସମ୍ବଲପୁର, ୩୦।୩(ସମିସ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ.୧୦ ହୀରାକୁଦ ଖ୍ରୀଷ୍ଟିଆନପଡ଼ାର



ପିତାହୀନ ଗରିବ ଝିଅ ରୀତା ବାଗଙ୍କ ବାହାଘର ପାଇଁ ଘରୋଇ ଆସବାପତ୍ର ବାଧକ ସାଜୁଥିଲା। ଏଥିପାଇଁ ଆଜି ସମାଜସେବୀ ହରଦୀପ ସିଂହ ଭୂର୍ଜୀ (ବବି ଭାଇ) ଝିଅର ମାଁ ମୀନ ବାଗଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ବିବାହୋତ୍ସବ ପାଇଁ ସବୁ ପ୍ରକାରର ଘରୋଇ ସାମଗ୍ରୀ ପ୍ରଦାନ କରିଛନ୍ତି। ଗତ କିଛିଦିନ ତଳେ ରୀତା ବିବାହ ଲାଗି ବବି ଭାଇଙ୍କୁ ଫୋନ କରି ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ତାଙ୍କ ପରିସ୍ଥିତିକୁ ନଜରରେ ରଖି ବବି ଭାଇ ନିଜ ସହିଯୋଗୀମାନଙ୍କ ସହ ଝିଅ ଘରକୁ ପହଞ୍ଚି ସହଯୋଗର ହାତ ବଢ଼ାଇଛନ୍ତି। ରେନୁବାଳା ମରାଇ, ଆଇନଜିବୀ ସଂଜୀବ ପଟ୍ଟନାୟକ, ସବିନୟ ପୂଜାରୀ, ବରିଷ୍ଠ ସମାଜସେବୀ ହରିହର ପାଣି, ପ୍ରଶାନ୍ତ ନାୟକ, ବିଶ୍ୱାମିତ୍ର ସାହୁ, ନବୀନ ପଣ୍ଡା, ହରେକୃଷ୍ଣ ସରାଫ, ବିନୋଦ ନାଗ ଓ ପଡ଼ାବାସୀ ତୁଳସୀ ନନ୍ଦ, କୁନୁ ନନ୍ଦ, ମାରିୟମ ଭୋଇ, ଟଙ୍କଧର ଭୋଇ, ଉଲ୍ଲାସ ତାଣ୍ଡି, ମାଗୁଣି ନନ୍ଦ, ସୁନୟ ନାଗ, ମମତା ବାରିକ, କଳାବତୀ ବାଗ ଆଦି ଉପସ୍ଥିତ ରହି ଝିଅଙ୍କୁ ଆଶୀର୍ବାଦ ଦେଇ ତାର ଭବିଷ୍ୟତ ଉଜ୍ୱଳ କାମନା କରିଥିଲେ।

## ବିଜେପି ବିଜୟ ନେଇ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ହାସ୍ୟାସ୍ପଦ: ଲକ୍ଷ୍ମୀପ୍ରସାଦ ମହାପାତ୍ର

**ସମ୍ବଲପୁର, ୩୦।୩(ସମିସ):** ୨୦୧୯ ସାଧାରଣ ନିର୍ବାଚନ ପରେ ଅନ୍ତର୍ଦ୍ଧାନ ହୋଇଯାଇଥିବା ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସାଧାରଣ ନିର୍ବାଚନକୁ ଆଉ ଅଳ୍ପ ଦିନ ଥିବା ବେଳେ ପୁଣି କ୍ଷମତା ଲୋଭରେ ହଠାତ୍ ଦୃଷ୍ଟି ଗୋଚର ହୋଇଛନ୍ତି। ସବୁ ବେଳେ ବିବାଦରେ ରହୁଥିବା ଶ୍ରୀ ମିଶ୍ର ସମ୍ବଲପୁର ସହରରେ କରୋନା ସମୟରୁ ଉଭାନ୍ ହୋଇ ଯାଇଥିବା ବେଳେ ହଠାତ୍ ଏବେ ଆସି ୭ ଗୋଟି ନିର୍ବାଚନ ମଣ୍ଡଳୀରେ ଓ ସମ୍ବଲପୁର ଲୋକସଭା ଆସନରେ ବିଜେପି ଦେଢ଼ଲକ୍ଷ ଭୋଟ ବ୍ୟବଧାନରେ ବିଜୟ ସୁନିଶ୍ଚିତ ବୋଲି କହିବା ହାସ୍ୟାସ୍ପଦ ବୋଲି ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ସମ୍ବଲପୁର ଜିଲ୍ଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର। ଶ୍ରୀ ମହାପାତ୍ର କହିଛନ୍ତି ଯେ, ବିଧାୟକ ଶ୍ରୀ ମିଶ୍ର ୪ ଥର ବିଜେପି ଦଳରୁ ବିଧାୟକ ହୋଇଥିବା ବେଳେ ସମ୍ବଲପୁର ସାଂସଦ ମଧ୍ୟ ବିଜେପି ଦଳରୁ ହୋଇଛନ୍ତି। ଏହି ଅବଧି ମଧ୍ୟରେ ସେମାନେ ଜିଲ୍ଲାରେ କଣ କଣ କାମ କରିଛନ୍ତି ତାର ହିସାବ ଦିଅନ୍ତୁ ତା ପରେ ବାହାସ୍ଫୋଟ ମାରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଲୋକସଭା ପ୍ରାର୍ଥୀ କରି ସମ୍ବଲପୁରର ବିକାଶକୁ ଆହୁରି ଶାଣିତ କରିବାକୁ ଉଦ୍ୟମ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାଁ ସମଲେଶ୍ୱରୀଙ୍କ ସୁଦୃଶ୍ୟ ମନ୍ଦିର, ମହାନଦୀରେ ଦୁଇଟି ପୋଲ, ସମ୍ବଲପୁର ଫ୍ଲାଇଓଭର, ବୁର୍ଲା ବୈଷୟିକ ମହାବିଦ୍ୟାଳୟ, ବୁର୍ଲା ମେଡିକାଲ, ବିଭିନ୍ନ ମନ୍ଦିର, ମସଜିଦ, ଚର୍ଚ୍ଚ, ଗୁରୁଦ୍ୱାରର ବିକାଶ କାର୍ଯ୍ୟ ତଥା ସମ୍ବଲପୁର ସହରରେ ସ୍କୁଲ, ମହାବିଦ୍ୟାଳୟ, ଡାକ୍ତରଖାନାରେ ରୂପାନ୍ତରଣ କାମ ହୋଇଛି। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ମୋଦୀ ବର୍ଷକୁ ଦୁଇ କୋଟି ଚାକିରି, ବିଦେଶରୁ କଳାଧନ ଆଣିବା, ଡଲାରକୁ ଟଙ୍କା ସହ ସମାନ କରିବା, ଆଧାର କାର୍ଡ ବନ୍ଦ କରିବା, ଲୋକଙ୍କ ବ୍ୟାଙ୍କ ଖାତାରେ୧୫ ଲକ୍ଷ ଟଙ୍କା ଜମା ଭଳି ବହୁ ଲୋଭନୀୟ ପ୍ରତିଶ୍ରୁତି ଦେଇଥିବା ବେଳେ କୌଣସି ଗୋଟିଏ ମଧ୍ୟ କଥା ରଖି ପାରିନାହାନ୍ତି। ବିଜେପି ଦଳ କ୍ଷମତାକୁ ଆସିବା ପରଠାରୁ ରାଷ୍ଟ୍ରାୟତ୍ତ ସରକାରୀ ଉଦ୍ୟୋଗ, ରେଳ ବିଭାଗ, ବିମାନ ବନ୍ଦର ଗୁଡ଼ିକୁ ଘରୋଇକରଣ ତଥା ବିମୁଦ୍ରୀକରଣ, ଚାଷୀ ବିରୋଧୀ ବିଲ୍ ଭଳି ବହୁ ଜନ ବିରୋଧି ପଦକ୍ଷେପ ନେଇଛନ୍ତି। ସମ୍ବଲପୁରର ଦୁଃଖ ପାଲଟି ଥିବା ୫୫ ନମ୍ବର ଜାତୀୟ ରାଜପଥରେ ପ୍ରତିଦିନ ଧନଜୀବନ କ୍ଷତି ଘଟିଚାଲିଛି, ସମ୍ବଲପୁର ବିଜେପି ସାଂସଦ ପ୍ରାର୍ଥୀ ହୋଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ବିଭାଗ ଦାୟିତ୍ୱରେ ଥିବାବେଳେ ରୋଷେଇଗ୍ୟାସ, ପେଟ୍ରୋଲ ଡିଜେଲର ଦର ଅହେତୁକ ଭାବରେ ବୃଦ୍ଧି ପାଇଛି। ଏଭଳି ନେତାଙ୍କୁ ସମ୍ବଲପୁରବାସୀ ନିଶ୍ଚିତ ପ୍ରତ୍ୟାଖ୍ୟାନ କରିବେ ବୋଲି ଶ୍ରୀ ମହାପାତ୍ର ଏହି ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ରେଙ୍ଗାଲି, ୩୦।୩(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ସାଲଡ଼ ଗ୍ରାମର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ବିଶ୍ୱାଳଙ୍କ ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବିଶ୍ୱାଳ ପଞ୍ଚଶାସନୀ ବ୍ରାହ୍ମଣ ସମାଜର



ଜଣେ ସୁଦକ୍ଷ ସଂଗଠକ ଥିବାବେଳେ ଗଣିତ ଶିକ୍ଷକ ଭାବରେ ତାଙ୍କର ସାରା ସମ୍ବଲପୁର ସହରରେ ସୁନାମ ରହିଥିଲା। ଜଣେ ନାଟ୍ୟକାର ଭାବରେ ଆଗାମୀ ପୀଢ଼ି ତାଙ୍କୁ ସବୁଦିନ ପାଇଁ ମନେ ରଖିବ। ଜନଗଣନା ପାଇଁ ତାଙ୍କୁ ରାଷ୍ଟ୍ରପତି ପୁରସ୍କାର ମିଳିଥିଲା। ତାଙ୍କ ଦ୍ୱାରା ରଚିତ ୮ ଟି ସମ୍ବଲପୁରୀ ନାଟକ ରେଡ଼ିଓ ଷ୍ଟେସନର ସଂପ୍ରସାରଣ ହୋଇଥିଲା। ତାଙ୍କ ଶିଷ୍ୟ ମାନେ ଏହି ନାଟକ ଗୁଡ଼ିକୁ ପରିବେଷଣ କରିଥିଲେ। ସମ୍ବଲପୁର ଟାଉନର ବିଭିନ୍ନ ମଧ୍ୟଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ମୃତ୍ୟୁ ସମୟରେ ତାଙ୍କର ତିନିପୁଅ, ଦୁଇଝିଅ ନାତିନାତୁଣୀ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ଦେବେନ୍ଦ୍ର ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

## ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଅବଦାନ ଅତୁଳନୀୟ

**ସମ୍ବଲପୁର, ୩୦।୩(ସମିସ):** ସ୍ଥାନୀୟ ଢରୋପାଣି କ୍ରୀଡ଼ା ପ୍ରାଙ୍ଗଣରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ମୁଖ୍ୟ ଭୂମିକା ପାଇଁ ଏହି ଦିବସଟି ଉତ୍ସର୍ଗୀକୃତ କରାଯାଇଥିଲା। ମହିଳାଙ୍କ ଉପରେ ନିବେଶ ଓ ପ୍ରଗତିର ତ୍ୱରାନ୍ୱିତ ଉପରେ ଆଧାରିତ କାର୍ଯ୍ୟକ୍ରମରେ ଶିବ ମହାପାତ୍ର କ୍ଲଷ୍ଟର ହେଡ଼ ହୀରାକୁଦ, ଆନନ୍ଦ ଚକ୍ରବର୍ତ୍ତୀ ପ୍ରବନ୍ଧକ, ଭବାନୀ ମହାପାତ୍ର ମାନବ ସମ୍ବଳ ପ୍ରବନ୍ଧକ ଯୋଗଦାନ କରିଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ମହିଳା ସଶକ୍ତୀକରଣ ଦିଗରେ ଅନେକ ପଦକ୍ଷେପ ନିଆଯାଉଛି। ଦୃଢ ମନୋବଳ ନେଇ ରୋଜଗାର, ଶିକ୍ଷା ଓ ନେତୃତ୍ୱ ବିକାଶ ନିମନ୍ତେ ଦିଗଦର୍ଶନ ଦିଆଯାଉଛି ବୋଲି ଅତିଥିଗଣ କହିଥିଲେ। ପାରିପାର୍ଶ୍ୱିର୍ୱକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ସୁସ୍ଥ ସମାଜ ଗଠନରେ ମହିଳା ମାନଙ୍କ ଧୈର୍ଯ୍ୟ, ନିଷ୍ଠା ଓ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ସମ୍ବଲପୁରର ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ସ୍ନେହା ନାଗ, ନୃତ୍ୟ ପରିବେଷଣ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ବୃନ୍ଦଙ୍କ ଦ୍ୱାରା ଉଚ୍ଚକୋଟିର ପାରମ୍ପରିକ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା। ଚଳିତବର୍ଷର ଉଲ୍ଲେଖନୀୟ ଅବଦାନ ପାଇଁ ଗୋଷ୍ଠୀ ସଦସ୍ୟାମାନଙ୍କୁ ପୁରସ୍କୃତ କରାଯାଇଥିଲା। ମନୋରଞ୍ଜନ ବେହେରା, ଡେପୁଟି ମ୍ୟାନେଜରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଥିଲା। ସ୍ନେହା ନାଏକ, ଅଜିତ କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗଦାନ କରି ଉତ୍ସାହିତ କରିଥିଲେ।




## କଦଳୀଗଡ଼ରେ ଏଡ୍‌ସ ସଚେତନତା ଶିବିର




**ରେଢାଖୋଲ, ୩୦।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ଼ ପଞ୍ଚାୟତସ୍ଥିତ ଅର୍ଜୁନ ଡିଗ୍ରୀ ମହାବିଦ୍ୟାଳୟଠାରେ ଶନିବାର ରେଡ୍ ରିବନ୍ କ୍ଲବ୍ ତରଫରୁ ଏଚ୍‌ଆଇଭି ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ଶମ୍ଭୁ ପ୍ରସାଦ ଗଡ଼ତିଆ ଏବଂ ସମ୍ମାନିତ ଅତିଥି ଭାବରେ ବୃଷକେତୁ ପ୍ରଧାନ ଯୋଗଦେଇ ଏଡସ୍ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ କଦଳୀଗଡ଼ ଗ୍ରାମ ପରିକ୍ରମା କରିବା ସହ ଏଡସ୍ ସମ୍ପର୍କରେ ସଚେତନତା ପାଇଁ ପ୍ଲା-କାର୍ଡ ଧରି ସ୍ଲୋଗାନ୍ ଦେଇଥିଲେ। ଏଥିରେ କଲେଜର ଅଧ୍ୟାପକ ବୈନେତେୟ ସାହୁ, ସୁଦର୍ଶନ ଷଣ୍ଢ, ଅଧ୍ୟାପିକା ବିସ୍ମିତା ମହାକୁଡ, ଅସୀମା ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ବାଦୁଡ଼ି ପ୍ରେମରେ ଗ୍ରାମବାସୀ

# ବର୍ଷ ବର୍ଷ ଧରି ସୁରକ୍ଷା ଦେଉଛନ୍ତି ପ୍ରତି ପରିବାର

**ରେଢାଖୋଲ, ୩୦।୩(ସମିସ)**

ଦିନକୁଦିନ ବିଭିନ୍ନ କାରଣରୁ ବିରଳ ବାଦୁଡ଼ି ପକ୍ଷୀଙ୍କ ସଂଖ୍ୟା ଲୋପ ପାଇଯାଉଛି। ତେବେ ରେଢ଼ାଖୋଲ ବନଖଣ୍ଡ ତୁଟାମୁଣ୍ଡା ଗ୍ରାମବାସୀ ବର୍ଷବର୍ଷ ଧରି ସୁରକ୍ଷା ଦେଇ ଆସୁଛନ୍ତି ହଜାର ହଜାର ବାଦୁଡ଼ିଙ୍କୁ। କହିବାକୁ ଗଲେ ପୂରା ଗାଁର ପ୍ରତି ପରିବାର ବାଦୁଡ଼ି ପ୍ରେମରେ। ବାଦୁଡ଼ିମାନଙ୍କୁ ଦେଖିବାକୁ ଆଖପାଖ ଅଞ୍ଚଳର ଲୋକେ ଆସୁଛନ୍ତି। ଗ୍ରାମବାସୀଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିବା ସହ ସହଯୋଗ କରିବାକୁ ପ୍ରୟାଶ ଆରମ୍ଭ କରିବ ବୋଲି ବନ ବିଭାଗ କହିଛି। ଗାଁମୁଣ୍ଡ ଗଛରେ ଚିଁଚାଁ ଶବ୍ଦରେ ନିଆରା ଅନୁଭୂତି ସାଉଁଟୁଛି ପୂରା ଗାଁ। ଏଗଛରୁ ସେଗଛ, ଏ ଡାଳରୁ ସେ ଡାଳ ବିରଳ ବାଦୁଡ଼ି ପକ୍ଷୀ ଗୁଡ଼ାକ ଚିଁଚାଁ ଶବ୍ଦ କରି ଡେଉଁଛନ୍ତି। ଆଉ ଗାଁ ଲୋକେ ଭଲମନ୍ଦ ବୁଝିବା ପାଇଁ ଗଛମୂଳକୁ ଆସି ଟିକିଏ ଡାକ ପକାଇଲେ ହଜାର ହଜାର ବାଦୁଡ଼ି ଗଛ ଚାରିପଟ ଆକାଶରେ ଘେରାଏ ବୁଲି ପୁଣି ଓହୋଳି ପଡ଼ନ୍ତି ଡାଳରେ। ଏ ଦୃଶ୍ୟ ହିଁ ବୟାନ କରୁଛି ଗାଁଲୋକଙ୍କ ସହ ବାଦୁଡ଼ି ମାନଙ୍କ ଭଲପାଇବା କେତେ ରହିଛି। ରେଢାଖୋଲ ବ୍ଲକ, ବଡ଼ମାଲ ରେଞ୍ଜର ତୁଟାମୁଣ୍ଡା ଗାଁ ମୁଣ୍ଡରେ ରହିଥିବା ବରଗଛ ସହିତ ଆଖପାଖ ୧୪ଟି ଗଛରେ କାହିଁ କେଉଁକାଳରୁ ରହିଆସୁଛନ୍ତି ବାଦୁଡ଼ି। ପରମ୍ପରା ଭଳିଆ ପୂର୍ବ ପୁରୁଷ ଅନୁଯାଇ ବାଦୁଡ଼ିର ସୁରକ୍ଷା, ଯତ୍ନ ନେଉଛନ୍ତି ଗାଁର ପ୍ରତି ପରିବାର। ଆଜିପର୍ଯ୍ୟନ୍ତ ଗୋଟିଏହେଲେ ବାଦୁଡ଼ିକୁ ନା ମାରିଛନ୍ତି ନା କାହାକୁ ମାରିବାକୁ ଦେଇଛନ୍ତି ବରଂ କିଛି ଶୀକାରୀଙ୍କୁ ଧରିଛନ୍ତି। ଖରାଦିନରେ ଗଛମୂଳରେ ପାଣିଦେବା, ଗଛଡ଼ାଳ ପତ୍ର ସଫା କରିବା କାମ କରୁଛୁ, ଏମାନଙ୍କ ଶବ୍ଦରେ ସକାଳ ସନ୍ଧ୍ୟାରେ ଏକ ଭିନ୍ନ ଅନୁଭୂତି ମିଳୁଛି। ବାଦୁଡ଼ି ଥିବା ଯୋଗୁଁ ଗାଁର ମଙ୍ଗଳ ହେଉଛି ବୋଲି ବିଶ୍ୱାସ କରନ୍ତି ଗାଁ ଲୋକେ। ଶହଶହ ବର୍ଷ ଧରି ହରିହର ଯୋର କୂଳରେ ରହିଥିବା ଏହି ତୁଟାମୁଣ୍ଡା ଗାଁ ଏବେ ବାଦୁଡ଼ିମାନଙ୍କ ପାଇଁ ଏକ ନୂଆ ପରିଚୟ ପାଇଛି। ଗାଁର ୬୦ଟି ପରିବାର ନିଜର ଦୈନନ୍ଦିନ କର୍ମରେ ବାଦୁଡ଼ି ସୁରକ୍ଷା ଦେବାରେ ସମସ୍ତେ ଗାଁର ଏହା ଏକ ପରମ୍ପରା ବୋଲି ଭାବିନେଇଛନ୍ତି। ବନବିଭାଗ କର୍ମଚାରୀ ଆସି ଗାଁଲୋକଙ୍କ ସହ ଆଲୋଚନା କରିଛନ୍ତି। ପକ୍ଷୀମାନଙ୍କୁ ନଜର କରୁଛନ୍ତି। ବାଦୁଡ଼ି ଏବେ ବିରଳ ପକ୍ଷୀ ହୋଇଯାଇଛି। ଦିନକୁଦିନ ଜାଲ ପକାଇ ଆଖପାଖ ଅଞ୍ଚଳରେ ବାଦୁଡ଼ି ଶୀକାର କରୁଛନ୍ତି। ବାଦୁଡ଼ିମାନଙ୍କ ପାଇଁ ଭରପୂର ଫଳମୂଳ ଖାଦ୍ୟଗଛ ଯଦି ବନବିଭାଗ ପକ୍ଷରୁ ସୃଷ୍ଟି କରାଯାଆନ୍ତା, ପାଟ୍ରୋଲିଂ ବ୍ୟବସ୍ଥା କରାଯାନ୍ତା, ଏପରିକି ବନବିଭାଗ ପକ୍ଷରୁ ପକ୍ଷୀ ପାର୍କ କରାଯାନ୍ତା, ଭିଏସ୍‌ଏସ୍ ଗ୍ରୁପ୍ କରାଯାଆନ୍ତା ତେବେ ବାଦୁଡ଼ି ସୁରକ୍ଷିତ ରହିବା ସହ ବାଦୁଡ଼ିକୁ ଦେଖିବାକୁ ଲୋକେ ଆସନ୍ତେ। ଆଖପାଖ ୧୦୦କିମି ଦୂରତା ଭିତରେ ବାଦୁଡ଼ି ବସାନାହିଁ ଏଠି ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହୁଥିବାରୁ ଆକର୍ଷଣ ପାଲଟିଛି ତୁଟାମୁଣ୍ଡା। ସବୁଠୁ ବଡକଥା ହେଲା ବାଦୁଡି ଯେଉଁଠି ବସା ବାନ୍ଧନ୍ତି ସେ ଅଂଚଳରେ ରୋଗ ଦୁଖ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି ସମସ୍ତଙ୍କର ଯାହା ତୁଟାମୁଣ୍ଡା ଗାଁରେ ପ୍ରମାଣ ରହିଛି, ଏତେବଡ ମହାମାରି କୋଭିଡ ସମୟରେ ଗାଁରେ ଜନକୁ ମଧ୍ୟ କୋରନା ରୋଗ ହୋଇନି ବୋଲି ଗାଁ ଲୋକେ କୁହନ୍ତି। ତୁଟାମୁଣ୍ଡା ଗାଁ ଲୋକଙ୍କ କାର୍ଯ୍ୟ ପ୍ରସଂଶନୀୟ, ବାଦୁଡ଼ି ଲୋପ ପାଇଯାଉଥିବାବେଳେ ଏଠି ଏତେ ସଂଖ୍ୟାରେ ରହିଛନ୍ତି ସେଥିପାଇଁ ବିଭାଗ ପକ୍ଷରୁ ସବୁ ବ୍ୟବସ୍ଥା କରାଯିବ। କିଭଳି ଅତ୍ୟଧିକ ସୁରକ୍ଷା ଦେଇହେବ ସେଥିପାଇଁ ଆମେ ବ୍ୟବସ୍ଥା କରୁଛୁ ବୋଲି ରେଢାଖୋଲ ଡିଏଫଓ ଅରବିନ୍ଦ ମହାନ୍ତି କହିଛନ୍ତି।



॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



ଵ ବିବସ୍ୱ ସାହୁ
ଅବସରପ୍ରାପ୍ତ ବନ କର୍ମଚାରୀ
ତୁଲଣ୍ଡା, ତରଭା, ସୋନପୁର
ଧରାବତରଣ- ୧୪.୦୪.୧୯୫୬, ସ୍ୱର୍ଗାରୋହଣ- ୨୧.୦୩.୨୦୨୪

ଆପଣଙ୍କ ସ୍ନେହ, ମମତା, ପିତୃମାତୃ ଭକ୍ତି, ଜୀବନରେ ଈଶ୍ୱର ନିଷ୍ଠା, ସନ୍ତାନ ପ୍ରତି ଅକୁଣ୍ଠିତ ବାତ୍ସଲ୍ୟ ପ୍ରତିଫଳିତ ହୋଇଥିଲା। ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବାପା - ଗୋପିନାଥ ସାହୁ, ପତ୍ନୀ- ସଂଯୁକ୍ତା, ଝିଅ- ଅନିତା, ସୁନିତା, ଲଳିତା, ଅଙ୍କିତା, ସଞ୍ଜିତା, ଭାଇ- ଶ୍ରୀବତ୍ସ, ପୂର୍ଣ୍ଣଚନ୍ଦ୍ର, ଜ୍ୱାଇଁ- ପ୍ରିୟରଞ୍ଜନ, ଦେବବ୍ରତ, ପୁତୁରା- ଅଂଶୁ, ପିଙ୍କୁ, ରିଙ୍କୁ, ନାତୁଣୀ- ପ୍ରତୀକ୍ଷା, ସମୀକ୍ଷା, ମିଷ୍ଟି, ନାତି - ଦିପେଶ ଓ ପରିବାରବର୍ଗ।

# ଦୁବାଇରୁ ଅନୁଭୂତି ସାଉଁଟି ଫେରିଲେ ସୌଦାମିନୀ

## ମିଶନ ଶକ୍ତି ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ

**ବରଗଡ଼, ୩୦।୩(ସମିସ):** ସମୟ ବଦଳିବା ସହ ମହିଳାମାନଙ୍କ ଜୀବନ ଶୈଳୀରେ ବି ଅନେକ ପରିବର୍ତ୍ତନ ଆସିଛି । ଦିନ ଥିଲା ଯେଉଁ ମହିଳା ରୋଷେଇ ଘରୁ ବାହାରକୁ ବାହାରୁ ନ ଥିଲା ସେ ଆଜି ବିଦେଶ ପରିଭ୍ରମଣରେ ଯାଇ ନୂଆ ନୂଆ କଥା ଶିଖି ପାରୁଛନ୍ତି । ଏସବୁ ସମ୍ଭବ ହୋଇପାରିଛି ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପାଇଁ। ମହିଳାମାନେ ମିଶନ ଶକ୍ତି ଲାଗି ସରକାରଙ୍କ ସହଯୋଗରେ ଆଜି ନିଜେ ସ୍ୱାବଲମ୍ବୀ ହେବା ସହ ପରିବାରକୁ ବି ଆର୍ଥିକ ସହଯୋଗ କରିପାରିବା ସହ ଦେଶ ବିଦେଶ ଭ୍ରମଣ କରି ନୂତନ ପରିକଳ୍ପନା ଚିନ୍ତା କରିପାରୁଛନ୍ତି। ଏପରି ଉଦାହରଣ ଭାବେ ବରଗଡ଼ ୱାର୍ଡ ନମ୍ବର ୧୧ର ସୌଦାମିନୀ ପଟେଲଙ୍କୁ ନିଆଯାଇପାରେ। ଉଜାଲା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସୌଦାମିନୀ ମିଶନ ଶକ୍ତି ଜରିଆରେ ଗତ ମାର୍ଚ୍ଚରେ ଦୁବାଇ ଯାତ୍ରା କରି ଫେରି ଆସିଛନ୍ତି । ଉଜାଲା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସହ ବରଗଡ଼ ଅର୍ବାନ ଇନ୍ଦିରା ମହାସଂଘରେ ଇସି ମେମ୍ବର ଭାବେ ସେ କାର୍ଯ୍ୟରତ। ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ସେମାନେ ପ୍ରଥମେ ପେପର ଠୁଙ୍ଗା ତିଆରି କରୁଥିବା ବେଳେ ବର୍ତ୍ତମାନ ସୌଦାମିନୀ ନିଜର ଫେନସି ସାମଗ୍ରୀର ବ୍ୟବସାୟ କରୁଛନ୍ତି । ରାଜ୍ୟର ବିଭିନ୍ନ ପଲ୍ଲିଶ୍ରୀ ମେଳାରେ ସେ ଷ୍ଟଲ ଲଗେଇ ବେଶ ଦୁଇ ପଇସା ରୋଜଗାର କରୁଛନ୍ତି। ମିଶନ ଶକ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ବେଶ ଉତ୍ସାହର ସହ ପ୍ରକାଶ କରି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଦୁବାଇ ଯାତ୍ରା ବହୁତ ଶିକ୍ଷଣୀୟ ହୋଇପାରିଥିଲା।



ଯାହାକି ସେ ତାଙ୍କର ପରବର୍ତ୍ତି ଜୀବନରେ ବେଶ ସହାୟକ ହୋଇପାରି ବୋଲି ଦୁବାଇରୁ ଫେରିଲା ପରେ ସୌଦାମିନୀ ତାଙ୍କର ଅନୁଭୂତି ବର୍ଣ୍ଣନା କରି କହିଛନ୍ତି।

# ଶିକ୍ଷୟିତ୍ରୀ ମୃତ୍ୟୁ ଘଟଣା: ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ଆପ୍



**ବରଗଡ଼,୩୦।୩(ସମିସ):** ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ହୋତାଙ୍କ ରହସ୍ୟଜନକ ମୃତ୍ୟୁ ଖବର ବରଗଡ଼ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଜିଲ୍ଲାରେ ନିଶା କାରବାର ଉପରେ ଅଙ୍କୁଶ ତଥା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସୁଧାରିବା ନେଇ ଦାବି କରିଛି ଆମ୍ ଆଦମୀ ପାର୍ଟି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଆପ୍ କାର୍ଯ୍ୟକର୍ତା ଭେଟି ଏ ବିଷୟରେ ଅଭିଯୋଗ କରିଛନ୍ତି। ଗତ ଶନିବାର ସନ୍ଧ୍ୟାରେ ଶିକ୍ଷୟିତ୍ରୀ ଜଣକ ନିଜ ଝିଅ ସହ ବରଗଡ଼ କଲେଜ ରୋଡ୍‌ରେ ଯାଉଥିବା ବେଳେ ଜଣେ ଦୁର୍ବୃତ୍ତ ବେକରୁ ସୁନାଚେନ ଝିଙ୍କି ଫେରାର ହୋଇଯାଇଥିଲା। ଦୁର୍ବୃତ୍ତର ଧକ୍କାରେ ଶିକ୍ଷୟିତ୍ରୀ ରାସ୍ତାରେ ପଡ଼ି ଯିବାରୁ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ବରଗଡ଼ ସରକାରୀ ହସ୍ପିଟାଲ, ବୁର୍ଲା ମେଡିକାଲ ଓ ପରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରିବା ପରେ ଗତ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିଲା। ଅତାବିରା ବ୍ଲକ ଜହ୍ନାପଡ଼ା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ ସ୍ନେହଲତା। ଏହି ଘଟଣାର ତଦନ୍ତ ଶୀଘ୍ର କରିବାକୁ ଓ ଜିଲ୍ଲାରେ ଚୋରି, ଡକାୟତି, ନିଶା, ସ୍ପିଡ଼ ବାଇକିଂ ଉପରେ ନିୟନ୍ତ୍ରଣ କରିବାକୁ ଆପ୍ ଦାବି କରିବା ସହ ସହରର ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗେଇବା ଓ ଅଚଳ ସିସି କ୍ୟାମେରାକୁ ଚାଲୁ କରିବାକୁ ଦାବି କରିଛି । ଜିଲ୍ଲା ଆବାହକ ଭବାନୀ ସାହୁ, ସ୍ୱରୂପ ଭୋଇ, ମାରିୟମ ବାର୍ଲା, ଅବିନାଶ ବାଗ, ଅସିତ ସାହୁ, ମମତା ବେହେରା, ଅଲିମ ରିଜବୀ ଉପସ୍ଥିତ ଥିଲେ।

# ନିଗମାନନ୍ଦ ବିହାର ଉନ୍ନୟନ କମିଟି ପୁନର୍ଗଠିତ

**ବରଗଡ଼,୩୦।୩(ସମିସ):** ବରଗଡ ୱାର୍ଡନମ୍ବର ୧ ନିଗମାନନ୍ଦ ବିହାର କଲ୍ୟାଣ ମଣ୍ଡପଠାରେ ନିଗମାନନ୍ଦ ବିହାର ଉନ୍ନୟନ କମିଟି ବରିଷ୍ଠ ସଦସ୍ୟ ସନ୍ତୋଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉନ୍ନୟନ କମିଟି ପୁନର୍ଗଠିତ ହୋଇଯାଇଛି। କମିଟିରେ ଉପଦେଷ୍ଟା ଭାବେ ବରିଷ୍ଠ ସଦସ୍ୟ ଗୋପବନ୍ଧୁ ପୁରୋହିତ, ବାଙ୍କା ବିହାରୀ ସାହୁ, ସନ୍ତୋଷ ପଣ୍ଡା, ଦୁଃଖୁ ମିଶ୍ର, ଭାଗୀରଥି ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ସେହିପରି ଉନ୍ନୟନ କମିଟିର ସଭାପତି ଭାବେ ସଦାଶିବ ସାହୁ, ଉପସଭାପତି ଅର୍ଜୁନ ସେଟ୍, ସମ୍ପାଦକ ଟିକେଲାଲ୍ ନାଏକ, ସହସମ୍ପାଦକ ନରେଶ ପ୍ରଧାନ, କୋଷାଧ୍ୟକ୍ଷ କୁଞ୍ଜବିହାରୀ ଭୋଇ, ସହକୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ବେଳେ ୧୨ଟି ଗଳିରୁ ୨୪ ଜଣ କାର୍ଯ୍ୟକାରୀ ସଦସ୍ୟ ମନୋନୀତ ହୋଇଛନ୍ତି। ସଭ୍ୟ ମାନଙ୍କ ପ୍ରସ୍ତାବକ୍ରମେ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଉନ୍ନୟନ କମିଟି କାର୍ଯ୍ୟ କରିବ ବୋଲି ମନୋନୀତ ସଦସ୍ୟମାନେ ସଂକଳ୍ପ ନେଇଥିଲେ। ବରିଷ୍ଠ ସଦସ୍ୟ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ

# ଭୀଷ୍ମଦେବ ଜିଲ୍ଲା ସଂଘ ସଭାପତି, ଦ୍ୟୁତିଶ ସମ୍ପାଦକ








**ବରଗଡ଼/ପଦ୍ମପୁର/ଭେଡେନ/ବରପାଲି, ୩୦।୩ (ସମିସ)**

ଶନିବାର ବରଗଡ଼ ଜିଲ୍ଲା ଓକିଲ ସଂଘ ନିର୍ବାଚନରେ ଭୀଷ୍ମଦେବ ସରାଫ ଲଗାତାର ଦ୍ୱିତୀୟଥର ପାଇଁ ସଭାପତି ଭାବରେ ନିର୍ବାଚିତ ହୋଇଥିବା ବେଳେ ଦ୍ୟୁତିଶ ଆଚାର୍ଯ୍ୟ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ସେହିପରି କାଳୀଚରଣ ଦାଶ ଉପସଭାପତି, ସୁକୁମାର ସାହୁ ଯୁଗ୍ମ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ କମିଟି କେଟାଗୋରୀ ୧ ପାଇଁ ସୁକାନ୍ତ କୁମାର ଦାଶ ଓ କିଶୋର କୁମାର ଦାଶ, କାର୍ଯ୍ୟକାରୀ କମିଟି କେଟାଗୋରୀ ୨ ପାଇଁ ଅନୁପ କୁମାର ଶତପଥୀ ଓ ଲଲାଟେନ୍ଦୁ ବେହେରା ଓ କାର୍ଯ୍ୟକାରୀ କମିଟି କେଟାଗୋରୀ ୩ ପାଇଁ ଆଶୁତୋଷ ରଥ ନିର୍ବିରୋଧ ଭାବରେ ନିର୍ବାଚିତ ହୋଇଥିଲେ। ନିର୍ବାଚନରେ ମୋଟ ୩୮୨ ଜଣ ଭୋଟରଙ୍କ ମଧ୍ୟରୁ ୩୭୬ ଜଣ ସଦସ୍ୟ ଭୋଟ ଦେଇଥିଲେ। ବରିଷ୍ଠ ସଦସ୍ୟ ବେଲାଲସେନ ସରାଫ ମୁଖ୍ୟ ନିର୍ବାଚନ ଅଧିକାରୀ ଥିବା ବେଳେ ତାଙ୍କୁ ଟୁନାଜଚନ୍ଦ୍ର ତ୍ରିପାଠୀ, ବିକ୍ରମାଦିତ୍ୟ ପଣ୍ଡା, କିରଣ କୁମାର ମିଶ୍ର, ହୀରାରାମ ଭୋଇ, ଅମିୟ ଭୂଷଣ ସାହୁ, ପ୍ରକାଶ କୁମାର ପାଣିଗ୍ରାହୀ, ଗୋପାଳ ଷଡ଼ଙ୍ଗୀ, ଅପ୍ରମିତ ମିଶ୍ର, ଅଧିକାରୀ ପ୍ରଧାନ ପ୍ରମୁଖ ଓକିଲ ସହଯୋଗ କରିଥିଲେ।

ସେହିପରି ପଦ୍ମପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଗୌନ୍ତିଆ କୁମାର ସାହୁ ନିର୍ବାଚନ ଅଧିକାରୀ ଭାବେ



ପରିଚାଳନା କରିଥିଲେ। ଏଥିରେ ଆନନ୍ଦ କୁମାର ପଣ୍ଡା ସଭାପତି, କେଶବ ସାହୁ ଉପସଭାପତି, ସଂପାଦକ ଚିନ୍ମୟ କୁମାର ପଣ୍ଡା, ଯୁଗ୍ମ ସଂପାଦକ ଲକ୍ଷ୍ମଣ ସାହୁ ଓ ସହସଂପାଦକ ରୋହିତ କୁମାର ଭୋଇ ତଥା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପରମେଶ୍ୱର ସାହୁ, ସୁଶୀଲ ପଧାନ, ପ୍ରଦୀପ କୁମାର ସାହୁ, ପ୍ରମୋଦ କୁମାର ମେହେର, ଶାନ୍ତନୁ ତ୍ରିପାଠୀ, ହରିଶଙ୍କର ସିଂ ପ୍ରମୁଖ ମନୋନୀତ ହୋଇଛନ୍ତି।

ଭେଡେନ ଓକିଲ ସଂଘର ନିର୍ବାଚନ ବିଧିବଦ୍ଧ ଭାବରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବରେ କାର୍ତ୍ତିକ ରଣା ଦାୟିତ୍ୱ ତୁଲାଇଥିବା ବେଳେ ସର୍ବସମ୍ମତିକ୍ରମେ ସଭାପତି ଭାବରେ ଜଗତଭୂଷଣ ଶତପଥୀ ମନୋନୀତ ହୋଇଛନ୍ତି। ଉପସଭାପତି ଭାବରେ କିଶୋର କୁମାର ପାଇକ, ସମ୍ପାଦକ ଭାବରେ ସୁଶୀଲ କୁମାର ବେହେରା, ସହସମ୍ପାଦକ ସୁରେନ୍ଦ୍ର କୁମାର ହୋତା, କୋଷାଧ୍ୟକ୍ଷ ଭାବରେ ପ୍ରଶାନ୍ତ କୁମାର ନାୟକ, ଓକିଲ କଲ୍ୟାଣ ସମ୍ପାଦକ ଲିଙ୍ଗରାଜ ବିଶି, ପାଠାଗାର ସମ୍ପାଦକ ଲଳିତ ବଘାର ମନୋନୀତ ହୋଇଛନ୍ତି। ଉପଦେଷ୍ଟା ଭାବରେ ରକ୍ଷାକାରୀ ଠେଲା, ଅଶ୍ୱିନୀ କୁମାର ଦାଶ, ସରୋଜ କୁମାର ମିଶ୍ର, ଗଙ୍ଗାଧର ମହାକୁର, ଗପଚନ୍ଦ୍ର ମେହେର ପ୍ରମୁଖଙ୍କୁ ମନୋନୀତ କରାଯାଇଛି।

ବରପାଲି ଓକିଲ ସଂଘ କାର୍ଯ୍ୟାଳୟରେ ଚଳିତବର୍ଷର ନୂତନ କର୍ମକର୍ତ୍ତା ମନୋନୟନ ବରିଷ୍ଠ ଓକିଲ ଗୋକୁଳାନନ୍ଦ ସ୍ୱାଇଁ ଓ ରାମେଶ୍ୱର କୋକାଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ହୋଇଯାଇଛି । ନୂତନ ସଭାପତି ଭାବରେ ମନୋଜ ପଟ୍ଟନାୟକ ମନୋନୀତ ହୋଇଥିବା ବେଳେ ଓ ସାଧାରଣ ସମ୍ପାଦକ ଭାବରେ ଅଞ୍ଜନ କୁମାର ବେହେରା ମନୋନୀତ ହୋଇଛନ୍ତି। ଉପସଭାପତି ଭାବରେ ସୁଧୀର କୁମାର ମେହେର, ସମ୍ପାଦକ ମହେନ୍ଦ୍ର କୁମାର ଗହିର ଓ ସହସମ୍ପାଦକ ଭ୍ରମର ବେହେରାଙ୍କ ସମେତ କୋଷାଧ୍ୟକ୍ଷ ଭାବରେ ଶରତଚନ୍ଦ୍ର ପାଣିଗ୍ରାହୀ ଓ ଲାଇବ୍ରେରୀ ସମ୍ପାଦକ ଭାବେ ପରିତୋଷ ମେହେର ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ତାରାପଦ ତ୍ରିପାଠୀ, ଲାଲବିକ୍ରମ ସିଂଦେଓ, ସୁରେଶ ଚନ୍ଦ୍ର ଖଟୁଆ, ରାଜକିଶୋର ପଧାନ ଓ ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖଙ୍କୁ ସାମିଲ କରାଯାଇଛି । ଅନୁଶାସନ କମିଟି ସଦସ୍ୟ ଭାବରେ ରବିନ୍ଦ୍ର ପଣ୍ଡା, ଶରତ କୁମାର ସାହୁ ଏବଂ ଗୋକୁଳାନନ୍ଦ ସ୍ୱାଇଁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରେ ସଭାପତି ମନୋଜ ପଟ୍ଟନାୟକଙ୍କ ପରାମର୍ଶରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା।

# ତାମିଲନାଡୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ବରଗଡ଼, ୩୦।୩(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଟେମରି ଗାଁର ଜଣେ ୨୭ ବର୍ଷୀୟ ଯୁବକ ଧନୁର୍ଜୟ ବଛା ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁର ଏକ କପଡା ତିଆରି କମ୍ପାନିରେ କାମ କରୁଥିବା



ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି ଯାହାକି ତାଙ୍କ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି ଅଟେ। ସେ ତାମିଲନାଡୁ ରାଜ୍ୟ ତିରୁପୁର ଜିଲ୍ଲାର ଏକ କପଡ଼ା କମ୍ପାନୀ ଅଭିରାମ ମିଲ୍‌ସରେ କାମ କରୁଥିଲେ ଯାହାର ଦୈନିକ

## ଗାଁରେ ଶୋକାକୁଳ ପରିବେଶ

ପାଉଣା ପ୍ରାୟ ୫-୫୦ ଟଙ୍କା ଥିଲା। ଘଟଣାଟି ହେଉଛି ଗତ ମାର୍ଚ୍ଚ ୧୫ ତାରିଖର ସେଦିନ ଧନୁର୍ଜୟ ନିଜେ ଡ୍ୟୁଟି କରୁଥିବା ସମୟରେ ପୋଡ଼ି ଯାଇଥିଲେ ଯେଉଁଥିରେ ଶରୀରର ଅନେକ ଅଂଶ ପୋଡ଼ି ଯାଇଥିଲା। ତାମିଲନାଡୁର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ହେଉଥିଲା, ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଯାଇଛି। ଏକ ଆମ୍ବୁଲାନ୍ସ ଯୋଗେ କମ୍ପାନୀ ମାଲିକ ତାଙ୍କ ମର ଶରୀରକୁ ଟେମରିକୁ ପଠାଇଛନ୍ତି। ଏହାପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଧନୁର୍ଜୟ ପରିବାରର ବଡ଼ପୁଅ ତଥା ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାରକୁ ଆର୍ଥିକ ସହାୟତା କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ୍ ସ୍କୁଲରେ ଅଭିଷେକ ଉତ୍ସବ



**ବରପାଲି, ୩୦।୩ (ସମିସ):** ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲରେ ଛାତ୍ର ସଂସଦ ପକ୍ଷରୁ ଛାତ୍ର ପରିଷଦ ଅଭିଷେକ ଉତ୍ସବ-୨୦୨୪-୨୫ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ଅଧକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଓ ଉପାଧ୍ୟକ୍ଷ ସୁଶୀଳ ରଥ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଗଜାଲା ଅଞ୍ଜୁମଙ୍କ ଦ୍ୱାରା ସ୍ୱାଗତ ଭାଷଣ ପରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟ ପ୍ରିଫେକ୍ଟ ପ୍ରିୟାଂଶୁ ରାଜ ମିଶ୍ର, କମାଣ୍ଡର ଜ୍ୟୋତି ସାହୁ ସହ ରକ୍ ଦଳର ଅଧିନାୟକ ଶ୍ରଦ୍ଧା ମିଉଲ୍ ଓ ଉପଅଧିନାୟକ ଆଦିଶ୍ରୀ ବେହେରା, ସାମ୍ ଦଳର ଅଧିନାୟକ ଆଦ୍ୟାଶା ପଣ୍ଡା ଓ ଉପ ଅଧିନାୟକ ଶ୍ରଦ୍ଧା ସୁମନ ଦୀପ, ଯଜୁଃ ଦଳର ଅଧିନାୟକ ଶୁଭ୍ରାଂଶୁ ସେଠ୍ ଓ ଉପ ଅଧିନାୟକ ସୌମ୍ୟା ସ୍ମରଣିକା ହୋତା, ଅଥର୍ବ ଦଳର ଅଧିନାୟକ ଝାନସିରାଣୀ ଦର୍ଜୀ ଓ ଉପ ଅଧିନାୟକ ସିମରନ ମିର୍ଦ୍ଧା ନବଗଠିତ ସଭ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନବଗଠିତ ସଭ୍ୟଙ୍କ ଶପଥ ପଠନ ସମାପନ ପରେ ଛାତ୍ରଛାତ୍ରୀ ମାନଙ୍କୁ ଆଳସ୍ୟକୁ ବର୍ଜନ ଓ ଏକାଗ୍ରତା ଆଧାରରେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ସାବିତ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସିଟିଓ ଆକିଶ ବିଶ୍ୱାଳ ଓ ମିଲ୍କି ବାରିକଙ୍କ ତତ୍ତ୍ୱାବଧାନରେ ଏନସିସି ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକ୍ ପ୍ରଦୂଷଣ ସଚେତନତା ସଭା

**ବରଗଡ଼, ୩୦।୩(ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ଲାଷ୍ଟିକ ପ୍ରଦୂଷଣ ସଚେତନତାକୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ପରାମର୍ଶଦାତା ଡ. ଅଶ୍ୱିନୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଧ୍ରୁବରାଜ ପୁରୋହିତ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାପକ ଯୁବରାଜ ପ୍ରଧାନ ଯୋଗଦେଇଥିବା ବେଳେ ପ୍ରଧାପକ ଗୋପାଳଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ରାଜଲକ୍ଷ୍ମୀ ପ୍ରଧାନ, ବିନୋଦ ବିହାରୀ ବାରିକ, କଳ୍ପନା ଚାନ୍ଦ, ଅର୍ଜୁନ ପ୍ରଧାନ, ଅଶୋକ ଖମାରୀ, ଅର୍ଜୁନ ଦୋରା, ଶିବ ନାରାୟଣ ସାହୁ, ଅନୁପ ଭୋଇ ପ୍ରମୁଖ ସହଯୋଗ କରିଥିଲେ।




# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ

**ଭଟଲି, ୩୦।୩(ସମିସ)**

ଭଟଲି ବ୍ଲକ ନାରଙ୍ଗପୁର ପଞ୍ଚାୟତ ଅନ୍ତର୍ଗତ ଜୟପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର



ଭୋଇ ଶନିବାର ଅବସର ଗ୍ରହଣ କରିଛନ୍ତି । ବିଦ୍ୟାଳୟ ତଥା ଗ୍ରାମବାସୀଙ୍କ ତରଫରୁ ଏକ ବିଦାୟକାଳୀନ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କୀର୍ତ୍ତନ ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ଗୌନ୍ତିଆ ସଂକୀର୍ତ୍ତନ ଦାଶ ଯୋଗଦେଇଥିବା ବେଳେ ବିଛୁଆଁ ସୀମାନ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ କିଶୋର ହୋତା ମୁଖ୍ୟବକ୍ତା ଏବଂ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ପଞ୍ଚାୟତ ମହାବିଦ୍ୟାଳୟର ବରଗଡର ସହକାରୀ ପ୍ରଫେସର କିଶୋର ନାୟକ ସମ୍ମାନିତ ଭାବେ ଶ୍ରୀ ଭୋଇଙ୍କ ୩୦ ବର୍ଷ ଶିକ୍ଷକତା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଶିକ୍ଷକ ସୁନୀଲ ଦାଶ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମୀରା ବଘେଲ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ଭୋଇଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।




**ପଦ୍ମପୁର:** ଅଞ୍ଚଳ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା। ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ ପଞ୍ଚାୟତ ମହାବିଦ୍ୟାଳୟ ଗାଇସିଲେଟର ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ। ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଦ୍ୱିତୀୟ ବର୍ଷ ଏବଂ ପ୍ରଥମର ଛାତ୍ରଛାତ୍ରୀବୃନ୍ଦ। ବିଭାଗର ମୁଖ୍ୟ ଡ଼. ସରୋଜ ନାଏକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାଧାପିକା ପୂର୍ଣ୍ଣମା ଦୋରା, ଅଧାପକ ଜୟକୁମାର ଭୁଏ, ଅଧାପିକା ସୁରେଶ୍ୱରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଧନ୍ୟବାଦ ଜ୍ଞାପନ କରିଥିଲେ ଛାତ୍ର କିରଣ ବାଗ।

**ବରପାଲି:** ବରପାଲି ମହାବିଦ୍ୟାଳୟ ରାଜନୀତି ବିଭାଗ ପକ୍ଷରୁ ଶେଷବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟ କାର୍ଯ୍ୟକାରୀ ଅଧକ୍ଷା ମମତା ସାହୁ ଛାତ୍ରଛାତ୍ରୀଙ୍କୁ ଛାତ୍ର ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ବିଭାଗ ମୁଖ୍ୟ ଅଧାପକ ଅଲେଖ ମହାନନ୍ଦଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ସଞ୍ଚାଳିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ବିଜେପୁର ମହାବିଦ୍ୟାଳୟ ରାଜନୀତି ବିଭାଗ ମୁଖ୍ୟ ଅଧାପକ ଅମୂଲ୍ୟନିଧି ପ୍ରଧାନଙ୍କ ସମେତ ଅଧାପିକା ଦେବାଙ୍ଗିନୀ ସାହୁ, ସୀମା ଭୋଇ ଓ ଅଞ୍ଜନା ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ଶୃଙ୍ଖଳା ଓ ସଂସ୍କାରମୂଳକ କାର୍ଯ୍ୟକଳାପ ଉପରେ ପ୍ରବର୍ତ୍ତାଇଥିଲେ। କନିଷ୍ଠ ଛାତ୍ରଛାତ୍ରୀ ବରିଷ୍ଠ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ ଲଗାଇ ସ୍ୱାଗତ ଜଣାଇଥିଲେ। ଦ୍ୱିତୀୟବର୍ଷ ଛାତ୍ର ଗୌରବ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ତ୍ରିଲୋଚନ ମେହେର, ଐଶ୍ୱର୍ଯ୍ୟା ନନ୍ଦିନୀ ଗିରି, ଅଞ୍ଜଳି ସାହୁ, ମାମି ଦେହେରୀ, ଚିନ୍ମୟୀ ଶିକ୍କା, ତୀର୍ଥ ପାଣ୍ଡେ, ଅତୁଲ ପଧାନ, ଜ୍ୟୋତି ମେହେର, ଅର୍ପିତା ମେହେରା, ସମିର ବିଶି, ଜୁବିଲି ପରିଡା, ଦେବାଶିଷ ପଧାନ ଓ ବିଶ୍ୱନାଥ ସୁନା ସହଯୋଗ କରିଥିଲେ।

**ପାଇକମାଳ:** ବିନ୍ଧ୍ୟବାସିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଇଂରାଜୀ ବିଭାଗ ମୁଖ୍ୟ ରାଜେନ୍ଦ୍ର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ସଭାପତିତ୍ୱ କରିଥିଲେ। ଅଧାପିକା ରଞ୍ଜିତା ମହାନ୍ତି ସଭା ପରିଚାଳନା କରିଥିଲେ। ଶ୍ରୀ ସାହୁଙ୍କୁ ମାନପତ୍ର, ଉପଢୌକନ ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ଅଧାପକ ମିନକେତନ ବେହେରା, ଜୟଦେବ ପ୍ରଧାନ, ସୁନୀଲ ପ୍ରଧାନ, ହିମାଂଶୁ ପ୍ରଧାନ, ଅଧାପିକା ନିରୁପମା ପ୍ରଧାନ, ସବିତା ଭୋଇ, ଲିପିକା ଦାସ, ଶିବାନୀ ସାହୁଙ୍କ ସହ ଅନୁଷ୍ଠାନ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିବେକାନନ୍ଦ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

**ବରଗଡ଼, ୩୦।୩(ସମିସ):** ବରଗଡ଼ ସରଲାସ୍ଥିତ ବିବେକାନନ୍ଦ ବିଦ୍ୟାପୀଠରେ ସପ୍ତଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ କମଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ। ମୁଖ୍ୟବକ୍ତା କଟାପାଲି ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଭଗବତୀ କର, ସମ୍ମାନିତ ଅତିଥି ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟର ଜ୍ୟୋତିର୍ମୟ ପାଣିଗ୍ରାହୀ, ସମିତି ସଭ୍ୟ ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ପାଣିଗ୍ରାହୀ ବାର୍ଷିକ ବିବରଣୀ ପଠନ କରିଥିବା ବିଦ୍ୟାଳୟର ସଭାପତି ଏମ ଶ୍ରୀନିବାସ ଓ ଏମ ପ୍ରିୟଙ୍କା ସଭାପତିତ୍ୱ କରିଥିଲେ। ଏ ବର୍ଷର ଶ୍ରେଷ୍ଠ ଛାତ୍ର ଭାବରେ କାହ୍ନା ବାରିକ, ସିସିଏ ଚାମ୍ପିଅନ ନୈମିଷ ପ୍ରଧାନ, ହାଉସ ଚାମ୍ପିଅନ ଅଶୋକା ଗ୍ରୁପକୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାଇସ ପ୍ରିନସିପାଲ ପ୍ରଶାନ୍ତ ପାଣିଗ୍ରାହୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସନାତନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



# ଜମି ବିବାଦ; ଦୁଇ ହତ୍ୟାକାଣ୍ଡ

## ଜମି ଦଲାଲଙ୍କ ଗଳା କାଟିଲେ !

**ସମ୍ବଲପୁର, ୩୦ ।୩(ସମିସ)**

ସମ୍ବଲପୁର ସହରରେ ଆଜି ଜଣେ ଜମି ଦଲାଲଙ୍କୁ ନିର୍ମମ ଭାବେ ଗଳାକାଟି ହତ୍ୟା କରାଯାଇଛି । ସଦର ଥାନା କୁଲତା ନୂଆଁପାଲି ଗ୍ରାମରେ ଜମି କାରବାରକୁ ନେଇ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ବୈଦାର ନୂଆଁପାଲିର ସବ୍ୟସାଚୀ ସାହୁ ଜମି ଦଲାଲ ଭାବେ କାମ କରିଥାନ୍ତି । ଲୋକଙ୍କ ପାଖରୁ ଜମି କିଣି ଅନ୍ୟମାନଙ୍କୁ ବିକ୍ରି କରି ଦୁଇପଇସା ରୋଜଗାର କରିଥାନ୍ତି । ଆଜି କୁଲତା ନୂଆଁପାଲି ଗ୍ରାମକୁ ଜମି କାରବାର ପାଇଁ ଯାଇଥିଲେ । ସେଠାରେ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଛି । ସବ୍ୟସାଚୀଙ୍କ ବେକରେ ଓ ମୁଣ୍ଡରେ ଛୁରି ଆଘାତ ଥିବା ସଦର ପୁଲିସ କହିଛି । ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାର ପ୍ରକୃତ କାରଣ ନେଇ ଅଧିକ ଛାନ୍‌ବିନ କରିଛି । ସାଇଣ୍ଟିଫିକ୍ ଟିମ୍ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଆଜି ଅପରାହ୍ନ ପାଖାପାଖି ଗୋଟାଏରେ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ପୁଲିସ ଘଟଣାସ୍ଥଳରୁ ମୃତଦେହକୁ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ସଦର ମେଡିକାଲକୁ ପଠାଇଛି । ପୁଲିସ ଜଣକୁ ସନ୍ଦେହରେ ଅଟକ ରଖି ହତ୍ୟାକାଣ୍ଡର ଅଧିକ ତଦନ୍ତ କରୁଛି ।



## ବଡ଼କୁ ହତ୍ୟା କଲା ସାନଭାଇ

**ବୁର୍ଲା, ୩୦।୩(ସମିସ):** ଜମି ପାଇଁ ବଡ଼ଭାଇର ଜୀବନ ନେଲା ସାନଭାଇ । ସମ୍ବଲପୁର ମହାନଗର ୧ନମ୍ବର ୱାର୍ଡ ବୁର୍ଲା ଥାନା ସାହାଜବାହାଲ ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି । ସୂଚନା ଅନୁସାରେ, ଜମିକୁ ନେଇ ସାହାଜବାହାଲ ଗାଁରେ ବିପ୍ର ବିଶ୍ୱାଲ ଓ ସାନଭାଇ ସଞ୍ଜୟ ବିଶ୍ୱାଲଙ୍କ ମଧ୍ୟରେ ଦୀର୍ଘବର୍ଷ ଧରି ମନାନ୍ତର ଓ ମତାନ୍ତର ଲାଗି ରହୁଥିଲା । ଘରର ଜମିଠାରୁ ଆରମ୍ଭ କରି ସମସ୍ତ ଜିନିଷର ମାଲିକାନା ବିପ୍ର ହାତରେ ରହୁଥିଲା । ଫଳରେ ଉଭୟଙ୍କ ମଧ୍ୟରେ ଶତ୍ରୁତା ଲାଗିରହୁଥିଲା । ଯାହାଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାସହ ସାନଭାଇ ଏକ ଟାଙ୍ଗିଆରେ ବଡ଼ଭାଇକୁ ଆକ୍ରମଣ କରି ଲହୁଲୁହାଣ କରିଥିଲା । ଗୁରୁତର ଅବସ୍ଥାରେ ବିପ୍ରକୁ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବାବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ଖବର ପାଇ ବୁର୍ଲା ପୁଲିସ ଗାଁରେ ପହଞ୍ଚି ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାନଭାଇକୁ ଅଟକ ରଖି ତଦନ୍ତ ଜାରି ରଖିଛି ।

## ସମ୍ବଲପୁର ଜିଲ୍ଲା ଓକିଲ ସଂଘ ନିର୍ବାଚନ

# ନିର୍ଦ୍ୱନ୍ଦ୍ୱରେ ସଭାପତି ହେଲେ ସତ୍ୟନାରାୟଣ ପଣ୍ଡା



**ସମ୍ବଲପୁର, ୩୦।୩ (ସମିସ):** ସମ୍ବଲପୁର ବାର୍ ଆସୋସିଏସନ୍ ନିର୍ବାଚନ ଫଳାଫଳ ଆଜି ପ୍ରକାଶ ପାଇଛି । ଏଥିରେ ନିର୍ଦ୍ୱନ୍ଦ୍ୱରେ ବରିଷ୍ଠ ଆଇନଜୀବୀ ସତ୍ୟନାରାୟଣ ପଣ୍ଡା(ବାବୁଲି) ନିର୍ବାଚିତ ହୋଇଛନ୍ତି । ସିଦ୍ଧାର୍ଥ ଶେଖର ସାହୁ ଉପସଭାପତି ଭାବେ ୧୦୩ ଖଣ୍ଡ ଭୋଟ୍‌ରେ ବାଜି ମାରିଛନ୍ତି । ରଙ୍ଗନାଥ ଷଡ଼ଙ୍ଗୀ ୧୭୨ଭୋଟ୍ ପାଇଥିବାବେଳେ ସିଦ୍ଧାର୍ଥଙ୍କୁ ୨୭୫ଟି ଭୋଟ୍ ମିଳିଥିଲା । ସେହିଭଳି ଯୁଗ୍ମ ସମ୍ପାଦକ ପାଇଁ ମାତ୍ର ୩୯ଟି ଭୋଟ୍‌ରେ ପରାସ୍ତ ହୋଇଛନ୍ତି ଦେଓକିରନ ପଟ୍ଟନାୟକ । କଡ଼ା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି ହିମାଂଶୁ ଶେଖର ପାଣିଗ୍ରାହୀ । ସେ ୨୪୨ଟି ଭୋଟ୍ ପାଇ ଯୁଗ୍ମସମ୍ପାଦକ ଭାବେ ବାଜି ମାରିଛନ୍ତି । ସେହିଭଳି ନିର୍ବାହୀ ସଦସ୍ୟ ଭାବେ ଆଶୁତୋଷ ପାତ୍ର, ଭଗତ ସିଂହ, ଦିଲୀପ କୁମାର ସାହୁ, ମଧୁସୂଦନ ମିତ୍ର ଏବଂ ଶ୍ୟାମସୁନ୍ଦର ଗର୍ଡ୍ଡିଆ ନିର୍ବାଚିତ ହୋଇଛନ୍ତି । ଅନ୍ୟପଟେ ଦିବଙ୍ଗତ ଆଇନଜୀବୀ ସୁରଜ ବିଶ୍ୱାଲ ସମ୍ପାଦକ ଭାବେ ନାମାଙ୍କନ ଭରିଥିଲେ । ହେଲେ ଗତ ୧୨ତାରିଖରେ ତାଙ୍କର ମୃତ୍ୟୁ ହେବାରୁ ଏହାକୁ ବନ୍ଦ କରିଦିଆଯାଇଛି । ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ସମୟରେ ଘଟିଥିବା ଅଘଟଣ ଯୋଗୁଁ ଗତବର୍ଷ ଓକିଲ ସଙ୍ଘ ନିର୍ବାଚନ ହୋଇପାରି ନଥିଲା । ଆଜିର ନିର୍ବାଚନ ପରେ ସମ୍ବଲପୁର ଓକିଲ ସଙ୍ଘ ପୁଣି ଆଗଭଳି ସକ୍ରିୟ ରହିବ ।

## ରକ୍ତଦାନ କରି ମହିଳାଙ୍କ ଜୀବନ ବଞ୍ଚାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

**ସମ୍ବଲପୁର, ୩୦ ।୩(ସମିସ):** ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ନାକଟିଦେଉଳ ଥାନା ଅନ୍ତର୍ଗତ ଗୌଡପଡ଼ା ଗ୍ରାମର ଜଣେ ମହିଳା ରମ୍ଭାବତୀ ଧଳ (୪୫ବର୍ଷ) ଅସୁସ୍ଥ ହୋଇ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସୁନୀତା ବ୍ରହ୍ମା ରୋଗୀଙ୍କୁ ତୁରନ୍ତ ରକ୍ତର ଆବଶ୍ୟକତା ଥିବା କହିଥିଲେ । ରକ୍ତଭଣ୍ଡାରରେ 'ଓ'ପଜିଟିଭ ବ୍ଲଡଗ୍ରୁପର ରକ୍ତ ଉପଲବ୍ଧ ନଥିଲା । ଏହି ସମୟରେ ଜଣେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ନରେନ ପ୍ରଧାନ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ ଓ ମହିଳାଙ୍କ ଜୀବନ ବଞ୍ଚାଇବାରେ ସହଯୋଗ କରିଥିଲେ । ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ମହତ୍ କାର୍ଯ୍ୟକୁ ଡାକ୍ତରଖାନା କର୍ମଚାରୀ ଭୁୟସୀ ପ୍ରଶଂସା କରିଛନ୍ତି ।



### ନବବିବାହିତାଙ୍କ ମୃତ୍ୟୁ ଘଟଣା

## ପରିବାର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ

**ସମ୍ବଲପୁର, ୩୦ ।୩ (ସମିସ):** ବରେଇପାଲି ଅଞ୍ଚଳରେ ନବବିବାହିତା ତାନ୍ୟା ଗୁପ୍ତାଙ୍କ ମୃତ୍ୟୁପରେ ତାଙ୍କ ପରିବାର ଲୋକେ ଆଜି ଏସପି କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ମୃତ ନବବିବାହିତା ମହିଳାଙ୍କ ପରିବାର ପକ୍ଷରୁ ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ପୁଲିସ ସ୍ୱାମୀ ରାହୁଲ ଗୁପ୍ତା ଓ ଶଶୁର କ୍ରିଷ୍ଣା ପ୍ରସାଦ ଗୁପ୍ତାଙ୍କୁ କେବଳ ଗିରଫ କରିଥିବା ସେମାନେ କହିଛନ୍ତି । ଆଜି ଏସପି କାର୍ଯ୍ୟାଳୟକୁ ଆସି ତାନ୍ୟାଙ୍କ ଶାଶୁ ଓ ଅଭିଯୋଗ ପତ୍ରରେ ଉଲ୍ଲେଖ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିବାକୁ ମୃତକଙ୍କ ମାଁ ଘର ଲୋକେ ଦାବି କରିଛନ୍ତି ।



## ବ୍ଲସମ୍ ଏକାଡେମୀ ପ୍ଲେ-ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର, ୩୦।୩(ସମିସ):** ବ୍ଲସମ ଏକାଡେମୀ ପ୍ଲେ-ସ୍କୁଲର ୨୮ ତମ ବାର୍ଷିକ ଉତ୍ସବ ଓଡ଼ିଶା ସାଂସ୍କୃତିକ ସାମାଜିକ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ମୋନାଲିସା ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଉତ୍ସବରେ ପ୍ରଫୁଲ କୁମାର ହୋତା, ଡକ୍ଟର ରମାବଲ୍ଲଭ ମିଶ୍ର, ଡକ୍ଟର ସିଦ୍ଧାର୍ଥ ପଣ୍ଡା, ଶ୍ୟାମ ସୁନ୍ଦର ହୋତା ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀ ବହୁ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ । ଶିକ୍ଷୟିତ୍ରୀ ନମ୍ରତା ମିଶ୍ର, ଅବିଦା ବେଗମ, ଅଞ୍ଜନା ମହାରଣା, ମୋହିନୀ ସରାଫ, ଆନନ୍ଦ ପଣ୍ଡା, ବିଷ୍ଣୁପ୍ରିୟା ପଣ୍ଡା, ଅନିତା ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



## ସାମୂହିକ ହନୁମାନ ଚାଳିଶା ପାଠ

**ସମ୍ବଲପୁର, ୩୦।୩(ସମିସ):** ଶ୍ରୀ ବ୍ରହ୍ମମଣ୍ଡପ ପଣ୍ଡିତ ମହାସଭା ଚନ୍ଦନନଗର ସମ୍ବଲପୁରସ୍ଥିତ ଆଶ୍ରମରେ ବିଶ୍ୱ କଲ୍ୟାଣ ପାଇଁ ଶ୍ରୀମହାବିଷ୍ଣୁ ଯଜ୍ଞ ଓ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଛି । ମହାସଭାର ସଭାପତି ରବିନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟ ସମାପ୍ତ ହେବା ସହ ଶ୍ରୀମହାବିଷ୍ଣୁଙ୍କ ମହାଆଳତି କରାଯାଇଥିଲା । ଯଜ୍ଞ କାର୍ଯ୍ୟରେ ପଣ୍ଡିତ ବଂଶୀଧର ଶତପଥୀ, ଅମରନାଥ ମିଶ୍ର, ଲକ୍ଷ୍ମଣ ବେହେରା, ଜୀତେନ୍ଦ୍ର କୁମାର ନନ୍ଦ, ମନବୋଧ ପାଢ଼ୀ, କାହ୍ନୁଚରଣ ପୁରୋହିତ, ଚନ୍ଦ୍ରକାନ୍ତ ପାଣିଗ୍ରାହୀ, ଦଧିବାମନ ପଣ୍ଡା, ସୁଧାଂଶୁ ପାଣିଗ୍ରାହୀ, ଯୋଗେଶ୍ୱର ବାବୁ, ସୁଧାଂଶୁ ଶେଖର ପଣ୍ଡା, ଅରୁଣ ଶର୍ମା, ପଓନ ଶର୍ମା, ପ୍ରକାଶ ମିଶ୍ର, ଉପେନ୍ଦ୍ର ପାଣିଗ୍ରାହୀ ଓ ଅମିତ ବାବୁ ପ୍ରମୁଖ ଯୋଗ ଦେଇଥିଲେ ।

### ୧୪ଲକ୍ଷର ଗଞ୍ଜେଇ ଜବତ, ୨ ଗିରଫ

## ସୋନପୁରରୁ ଛତିଶଗଡ଼ ହେଉଥିଲା ଚାଲାଣ

**ସମ୍ବଲପୁର, ୩୦ ।୩(ସମିସ):** ସମ୍ବଲପୁର ଅବକାରୀ ବିଭାଗ ଆଜି ୮୦ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୋନପୁରର ରବୀନ୍ଦ୍ର ଦଳେଇ ଓ ଛତିଶଗଡ଼ର ଗୁଲସନ କୁମାର । ଜବତ ଗଞ୍ଜେଇର ମୂଲ୍ୟ ପାଖାପାଖି ୧୪ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଅବକାରୀ ବିଭାଗ ଶାସନ ଟୋଲ୍‌ଗେଟ୍ ନିକଟରେ ଛାନବିନ କରି ଗଞ୍ଜେଇ ମାଫିଆଙ୍କୁ କାବୁ କରି କାର ସହ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି । ସୂଚନାଯୋଗ୍ୟ, ନିର୍ବାଚନ ଆଗକୁ ଆସୁଥିବା ନେଇ ସମ୍ବଲପୁର ଅବକାରୀ ବିଭାଗ ଛତିଶଗଡ଼ ଅବକାରୀ ବିଭାଗ ସହ କିଛିଦିନ ଆଗରୁ ବୈଠକ କରିଥିଲା । ନିର୍ବାଚନ ଯେପରି ସୁରୁଖୁରୁରେ ହୋଇପାରିବ ସେ ନେଇ ପ୍ରସ୍ତୁତି ମଧ କରିଛି । ବିଶେଷ ଭାବରେ ଜିଲ୍ଲା ତଥା ରାଜ୍ୟସୀମା ଅଞ୍ଚଳରୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ପ୍ରତିଦିନ ଖବର ସାମ୍ନାକୁ ଆସୁଛି । ସେଥିପାଇଁ ପ୍ରତିଦିନ କଡ଼ା ଚେକିଂ କରି ନିଶା ଦ୍ରବ୍ୟକୁ ଜବତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା । ସେହିପରି ଗତକାଲି ଚିପିଲିମା ଅଞ୍ଚଳରୁ ୭୦ ହଜାର ଟଙ୍କାର ଗଞ୍ଜେଇ ଅବକାରୀ ବିଭାଗ ଜବତ କରିଥିଲା ।



## ରେଡ୍‌କ୍ରସ ଆଜୀବନ ସଦସ୍ୟଙ୍କୁ ପ୍ରମାଣପତ୍ର

**ସମ୍ବଲପୁର, ୩୦ ।୩(ସମିସ):** ସମ୍ବଲପୁର ସାମ୍ବାଦିକ ଭବନଠାରେ ରେଡ୍‌କ୍ରସ ସୋସାଇଟି ସମ୍ବଲପୁରର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ୨୦୨୧ରୁ ୨୦୨୩ବର୍ଷ ପର୍ଯ୍ୟନ୍ତ ରେଡକ୍ରସର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ମୋଟ ୫୦ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ସମ୍ବଲପୁର ରେଡକ୍ରସ ପୃଷ୍ଠପୋଷକ ତଥା ସମାଜସେବୀ ନିହାଲ ସିଂଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଆଜୀବନ ସଦସ୍ୟ ତଥା ଶିକ୍ଷାବିତ୍ ଧର୍ମରାଜ ପ୍ରଧାନ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟ ଅତିଥି ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ରେଡକ୍ରସ ରାଜ୍ୟ ପ୍ରତିନିଧି ତଥା ସାମ୍ବାଦିକ ଶିବ ମେହେର, କ୍ଷେତ୍ର ସଂଯୋଜିକା ପ୍ରମିଳା ବେହେରା, ଶିକ୍ଷାବିତ କୈଳାସ ମହାରଣା, ଛତ୍ରପତି ଡକ୍ଟର ଦୀପକ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ୫୦ଜଣଙ୍କ ମଧ୍ୟରୁ ଏମ୍‌ଡି ପରବେଜ ଖାନ, ଆଶିଷ ନନ୍ଦ, ଏମଡି ନୱାବ, ରୁନୁ ନାୟକ, ମୋମିନା ଖାତୁନ ପ୍ରମୁଖ ସଦସ୍ୟ ରହିଛନ୍ତି । ଏହି ଅବସରରେ ସମ୍ବଲପୁର ରେଡକ୍ରସ ସୋସାଇଟିର ସମ୍ପାଦକ ଭାବରେ କାର୍ଯ୍ୟ କରୁଥିବା ଜୟ ଜର୍ଜ ନିଜ କାର୍ଯ୍ୟରୁ ଅବ୍ୟାହତି ନେଉଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

## ହୀରାକୁଦ ଝାଡ଼ାବାନ୍ତି: ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ଅଭିଯୋଗ

**ସମ୍ବଲପୁର, ୩୦ ।୩(ସମିସ):** ହୀରାକୁଦ ସହରରେ ଡାଏରିଆ ଆକ୍ରାନ୍ତରେ ମୃତକଙ୍କ ସଂଖ୍ୟା ୪କୁ ବଢ଼ିଥିବା ଅଭିଯୋଗ ହୋଇଛି । ଆଜି ହୀରାକୁଦ ନିଓମାର୍କେଟ୍‌ର ବିମଳା ସୁନାଙ୍କ ଡାଏରିଆରେ ଜୀବନ ଯାଇଥିବା କୁହାଯାଉଛି । ଏହାପୂର୍ବରୁ ମଧ ୩ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା । ହେଲେ ପ୍ରସାଶନ ଏହାକୁ ଖଣ୍ଡନ କରି ଡାଏରିଆ ପାଇଁ ପ୍ରାଣ ହରାଇ ନଥିବା ପ୍ରକାଶ କରିଥିଲା । ହୀରାକୁଦ ସହରର ଅନେକ ସ୍ଥାନରେ ପିଏଚ୍‌ଡି ପାଇପ୍ ଗୁଡ଼ିକ ଡ୍ରେନ୍ ଭିତରେ ପଡ଼ିରହିଥିବା ମେଡିକାଲ ଟିମ୍ ତଦନ୍ତବେଳେ ଜାଣିବାକୁ ପାଇଥିଲା । ଡାଏରିଆ ଆକ୍ରାନ୍ତ ସଂଖ୍ୟା ଶହେ ମଧ ଟପିସାରିଛି । ପିଇବା ପାଣି ସମସ୍ୟା ପାଇଁ ଏହା ଘଟିଥିବା ପ୍ରକାଶ ପାଇଥିଲା । ଏପଟେ ଜନସ୍ୱାସ୍ଥ୍ୟ(ପିଏଚ୍‌ଡି) ବିଭାଗ ହୀରାକୁଦ ଡାଏରିଆ ବ୍ୟାପିବା ଘଟଣାରେ ୩ ଜଣ କର୍ମଚାରୀଙ୍କୁ ନିଲମ୍ବିତ କରିସାରିଛି । ହେଲେ ଏଥିରେ କୌଣସି ବଡ଼ ଅଧିକାରୀ ନାହାନ୍ତି । ତେଣୁ ଛୋଟ କର୍ମଚାରୀଙ୍କୁ ବଳି ଦେଇ ବଡ଼ ଅଧିକାରୀଙ୍କୁ ବଞ୍ଚାଇବାକୁ ଜୋର୍‌ଦାର ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି । ହୀରାକୁଦରେ ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିଲେ ମଧ ପାନୀୟ ଜଳର ମାନକୁ ନେଇ ସନ୍ଦେହ ସୃଷ୍ଟି କରିଛି ସ୍ୱାସ୍ଥ୍ୟ ବିଭାଗ । ତେଣୁ ପାନୀୟ ଜଳକୁ ଭଲ ଭାବେ ପରୀକ୍ଷା କରାଯାଉ । ଫଟା ପାଇପ୍ ତୁରନ୍ତ ମରାମତି ହେଉ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି ।



## ଚାମ୍ବର ଅଫ୍ କମର୍ସ ପକ୍ଷରୁ ଏସ୍‌ପିଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୩୦।୩(ସମିସ):** ସମ୍ବଲପୁର ସହର ଗୋଲବଜାର ନିକଟସ୍ଥ ପୀର୍‌ବାବା ଛକରେ ଗତ ୨୬ ତାରିଖ ହୋଲି ପର୍ବ ସମୟରେ ଏକ ବୋମା ବିସ୍ଫୋରଣ ହୋଇଥିଲା । ଉକ୍ତ ସ୍ଥାନରେ ଏକ ମସ୍‌ଜିଦ ଥିବାରୁ ଏହି ଘଟଣା ଅଧିକ ସମ୍ବେଦନଶୀଳ ହୋଇଥିଲା । ବୋମା ବିସ୍ଫୋରଣ ଘଟଣା ସାମ୍ପ୍ରଦାୟିକ ରୂପ ନେବା ପୂର୍ବରୁ ଜିଲ୍ଲା ପୁଲିସ ୪୮ଘଣ୍ଟା ମଧ୍ୟରେ ଜଣେ ଅପରାଧୀକୁ ଧରି କୋର୍ଟଚାଲାଣ କରିବାରେ ସମର୍ଥ ହୋଇଥିଲା । ଜିଲ୍ଲା ପୁଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରି ସମ୍ବଲପୁର ଚାମ୍ବର ଅଫ୍ କମର୍ସ ପକ୍ଷରୁ ସମ୍ବଲପୁର ଏସ୍‌ପିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବଲପୁର ପୌର ପରିଷଦ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହାଙ୍କ ସହିତ ଚାମ୍ବର ଅଫ କମର୍ସର ସଭାପତି ଅରୁଣ ପଟୱାରୀ, ଚାମ୍ବର ଅଫ୍ କମର୍ସର ଉପଦେଷ୍ଟା ଯଶବୀର ସିଂ ହୁଡା, ବିଶିଷ୍ଟ ସମାଜସେବୀ ତଥା ଚାମ୍ବର ଅଫ୍ କମର୍ସର ଅନ୍ୟତମ ଉପଦେଷ୍ଟା ଅଶୋକ ଜଲାନ ଓ ସମାଜସେବୀ ଶିବ ପ୍ରଧାନ ପ୍ରମୁଖ ସମ୍ବଲପୁର ଏସ୍‌ପି ମୁକେଶ ଭାମୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଧନ୍ୟବାଦ ଜଣାଇଥିଲେ । ଏହି ସୌଜନ୍ୟମୂଳକ ସାକ୍ଷାତକାର ସମୟରେ ସହରର ଆଇନଶୃଙ୍ଖଳା ସ୍ଥିତି ଉପରେ ମଧ ଆଲୋଚନା ହୋଇଥିଲା । ସମ୍ବଲପୁରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ପାଇଁ ଯେଉଁମାନେ ବି ଉଦ୍ୟମ କରୁଛନ୍ତି ସେମାନଙ୍କ ପ୍ରତି ଜିଲ୍ଲା ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଏହି ପ୍ରତିନିଧି ଦଳ ଏସ୍‌ପିଙ୍କୁ ଧନ୍ୟବାଦ ଜଣାଇଥିଲେ ।



## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମାନ

**ବୁର୍ଲା, ୩୦ ।୩(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଦ୍ୱିଦିବସୀୟ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ବିଭାଗର ଅଧ୍ୟାପକ ଶ୍ରବଣ କୁମାର ବାଗ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ଡ. ନୃପରାଜ ସାହୁ ଯୋଗ ଦେଇଥିଲେ । ବିଭାଗର ମୁଖ୍ୟ ଡ. ସଂଯୁକ୍ତା ଦାସ ସଭାପତିତ୍ୱ କରିଥିଲାବେଳେ ଡ. ରାମନରେଶ ମହାଲିଙ୍ଗଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମ୍ମାନରେ ନୂତନ ଶିକ୍ଷାନୀତି -୨୦୨୦ ଓ ଏହାର ଅନ୍ତର୍ଗତ ଶିକ୍ଷାଦାନ ପ୍ରକ୍ରିୟା ଉପରେ ଆଲୋକପାତ କରାଯାଇଥିଲା । ଏତଦ୍‌ବ୍ୟତୀତ ବିଭାଗର ଚତୁର୍ଥ ସେମିଷ୍ଟାରର ଛାତ୍ରଛାତ୍ରୀଙ୍କ ଦ୍ୱାରା ପୋଷ୍ଟର ପ୍ରତିଯୋଗିତା କରାଯାଇଥିଲା । ବିଶ୍ୱବିଦ୍ୟାଳୟର ପ୍ରମୁଖ ଅଧ୍ୟାପକମାନେ ପ୍ରତିଯୋଗୀ ଚୟନ କରିଥିଲେ । ଅଧ୍ୟାପକ ପ୍ରଫେସର ଡ. ଯୁବରାଜ ଖମାରୀ, ଡ. ଦେବାଶିଷ ମହାପାତ୍ର ଏବଂ ଅଧ୍ୟାପିକା ନୂତନ ପଣ୍ଡାଙ୍କର ତତ୍ତ୍ୱାବଧାନରେ ଛାତ୍ରୀ ପ୍ରତିନିଧିମାନେ ଉକ୍ତ କାର୍ଯ୍ୟକ୍ରମଟିକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ । ଉକ୍ତ ସମ୍ମାନରେ ଛାତ୍ରଛାତ୍ରୀଙ୍କ ସମାଗମ ଦେଖି ବିଶ୍ୱବିଦ୍ୟାଳୟର କୁଳପତି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ବିଭାଗର ସଂଯୋଜକ ଡ. ରାମନରେଶ ମହାଲିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ବିଭାଗର ପ୍ରାଚୀର ପତ୍ରିକା 'ସୃଜନିକା'ର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା ।

## ଏନ୍‌ଏସ୍‌ୟୁଆଇ ପକ୍ଷରୁ ଜାତୀୟ କର୍ମକର୍ତ୍ତା ତାଲିକା ଘୋଷିତ

**ସମ୍ବଲପୁର, ୩୦।୩(ସମିସ):** ଅଖିଳ ଭାରତ ଛାତ୍ର କଂଗ୍ରେସ (ଏନ୍‌ଏସ୍‌ୟୁଆଇ) ପକ୍ଷରୁ ଜାତୀୟ କର୍ମକର୍ତ୍ତା ତାଲିକା ଘୋଷିତ ହୋଇଛି । ଏକ ପ୍ରେସ୍ ବିଜ୍ଞପ୍ତି ମଧମରେ ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ (ସଂଗଠନ) କେସି ବେଣୁ ଗୋପାଳ ଘୋଷଣା କରିଛନ୍ତି । ଦଳ ପକ୍ଷରୁ ସାଧାରଣ ସମ୍ପାଦକ ୮ଜଣ ଓ ସମ୍ପାଦକ ଭାବେ ୪୮ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ଅଖିଳ ଭାରତ ଛାତ୍ର କଂଗ୍ରେସର ଜାତୀୟ ସଂପାଦକ ଭାବେ ସମ୍ବଲପୁର ଜିଲ୍ଲାର ଅଖିଳେଶ ଯାଦବ ନିଯୁକ୍ତି ପାଇଛନ୍ତି । ଅଖିଳେଶ ଦୀର୍ଘବର୍ଷ ଧରି ଛାତ୍ର ରାଜନୀତି ସହିତ ସଂଶ୍ଳିଷ୍ଟ ଥିଲେ । ପୂର୍ବରୁ ୨୦୧୭ରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ଲଢ଼ି ନିଜର ରାଜନୈତିକ ପରାକାଷ୍ଠା ଦେଖାଇଥିଲେ । ପରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ରାଜ୍ୟ ମୁଖପାତ୍ର ଭାବେ କାମକରି ଜଣେ ସୁଦକ୍ଷ ଛାତ୍ର ନେତା ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ପରବର୍ତ୍ତୀ ସମୟରେ ୨୦୨୧ ମସିହାରେ ସେ ଛାତ୍ର କଂଗ୍ରେସର ରାଜ୍ୟ ସଧାରଣ ସମ୍ପାଦକ ଭାବେ ନିଜର ଦାୟିତ୍ୱକୁ ସଠିକ ଭାବେ ନିର୍ବାହ କରିଥିଲେ । ଶ୍ରୀ ଯାଦବ ଛାତ୍ର କଂଗ୍ରେସର ଜାତୀୟ ସଂଯୋଜକ ଭାବେ ତେଲେଙ୍ଗାନା ଓ ଦିଲ୍ଲୀର ପ୍ରଭାରୀ ତତ୍‌ସହିତ ୨୦୨୩ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଏକ ପ୍ରଭାବୀ ଭୂମିକା ନିର୍ବାହ କରି ରାମଜସ୍ କଲେଜର ସଭାପତି ପଦ ବିଜୟୀ କରିବାରେ ସଫଳ ହୋଇଥିଲେ । ନୂଆ ନିଯୁକ୍ତି ପରେ ଯାଦବ ତାଙ୍କ ପ୍ରତିକ୍ରିୟାରେ ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖଡଗେ, ରାହୁଲ୍ ଗାନ୍ଧୀ, ଜାତୀୟ ଛାତ୍ର କଂଗ୍ରେସ ପ୍ରଭାରୀ କାହ୍ନେୟା କୁମାର, ଜାତୀୟ ଛାତ୍ର କଂଗ୍ରେସ ସଭାପତି ବରୁଣ ଚୌଧୁରୀ, ରାଜ୍ୟ ଛାତ୍ର କଂଗେସ ସଭାପତି ଯାସିର ନୱାଜ୍, ପିସିସି ସଭାପତି ଶରତ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, କଂଗେସ ନେତା ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ ସମେତ ସମସ୍ତ ନେତୃବୃନ୍ଦଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏହାସହ ନିଜର ଦାୟିତ୍ୱକୁ ସଠିକ୍ ଭାବେ ନିର୍ବାହ କରି ଛାତ୍ର କଂଗେସ ସଂଗଠନକୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।



### ଅନ୍ତର୍ଜାତୀୟ ପଞ୍ଚମ ନାଟ୍ୟ ମହୋତ୍ସବ

## ମରାଠୀ ଓ ହିନ୍ଦୀ ନାଟକ ମଞ୍ଚସ୍ଥ

**ବୁର୍ଲା, ୩୦।୩(ସମିସ)**

ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ସ୍ୱର୍ଗତ ଡ. ପଞ୍ଚାନନ ମିଶ୍ରଙ୍କ ସ୍ମୃତିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେଉଥିବା ପ୍ରଥମ ଅନ୍ତର୍ଜାତୀୟ ଥିଏଟର ଫେଷ୍ଟିଭାଲ ପଞ୍ଚମ ନାଟ୍ୟ ମହୋତ୍ସବର ଦ୍ୱିତୀୟ ଦିବସରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନୀ କଳା ବିଭାଗର ସହଭାଗିତାରେ ସ୍ୱର ସମ୍ବଲପୁର ଦ୍ୱାରା ଆୟୋଜିତ ଏହି ଅନ୍ତର୍ଜାତୀୟ ନାଟ୍ୟମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, କୁଳସଚିବ ଡ. ନୃପରାଜ ସାହୁ, ବିଶିଷ୍ଟ ନିର୍ଦ୍ଦେଶକ ଅଭିନେତା ପ୍ରଦୀପ କୁମାର ପଣ୍ଡା, ପ୍ରଫେସର ସଞ୍ଜିତ ସାହୁ, ପ୍ରଫେସର ଅଜୟ ବେହେରା ଅତିଥି ଭାବରେ ଯୋଗଦେଇଥିଲେ । ସତ୍ୟନାରାୟଣ ସାହୁ ଓ ଛନ୍ଦାମୟୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଦର୍ଶନ କଳା ବିଭାଗର ସହକାରୀ ପ୍ରାଧ୍ୟାପକ ଅରବିନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ । ଏହି ଅବସରରେ ସମ୍ବଲପୁରୀ ଧନୁଯାତ୍ରାର ପାଣ୍ଡୁଲିପି ଲେଖକ ଓ ନିର୍ଦ୍ଦେଶକ ବବଲୁ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମେ ମହାରାଷ୍ଟ୍ରର ଲୋକକଳା ଉପରେ ଆଧାରିତ ନାଟକ 'ମିଥ୍ ଅଫ୍ ମେଣ୍ଡିଗୋଜ୍' ମଞ୍ଚସ୍ଥ ହୋଇଥିଲା । ମରାଠୀ ଭାଷାରେ ଏହି ନାଟକକୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ସାନ୍ତନୁ ଶୟାଲୀ । ପରିବେଷଣ କରିଥିଲେ ଥିଏଟର ଆନାଟୋମୀ ମୁମ୍ବାଇର କଳାକାରମାନେ । ଦ୍ୱିତୀୟ ନାଟକ ହିନ୍ଦୀ ଭାଷାରେ 'ଲଭ୍ ପ୍ଲାଟ୍‌ଫର୍ମ' ପରିବେଷଣ କରିଥିଲେ ପ୍ରଦର୍ଶନୀ କଳା ବିଭାଗ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ । ନାଟକକୁ ରଚନା କରିଥିଲେ ନିତିନ ଗୁପ୍ତା ଏବଂ ନିର୍ଦ୍ଦେଶନା ଦେଇଥିଲେ ଅଭିଷେକ ଶର୍ମା ।




## ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ହୀରାକୁଦ, ୩୦ ।୩(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ଏଥିରେ ହିଣ୍ଡାଲକୋର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶିବ ଶଙ୍କର ମିଶ୍ର ମୁଖ୍ୟଅତିଥି, ମୁଖ୍ୟ ସଂପର୍କ ତଥା ଯୋଗସୂତ୍ର ଅଧିକାରୀ ବିଘ୍ନେଶ୍ୱର ପଣ୍ଡା ସମ୍ମାନିତ ଅତିଥି ଓ ବିପିନ ବିହାରୀ ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ । ପରିଚାଳନା ସଭାପତି ଅଶୋକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବ୍ରହ୍ମାନନ୍ଦ ସାହୁ ଅତିଥି ପରିଚୟ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ଯୁଗ୍ମ ସମ୍ପାଦକ ସୋମନାଥ ତରିଆ ଧନ୍ୟବାଦ୍ ଅର୍ପଣ କରିଥିଲେ । ପରିଚାଳନା ସମିତି ଉପ ସଭାପତି ହେମନ୍ତ ପଟେଲ, କୋଷାଧକ୍ଷ ଅଜିତ୍ କୁମାର ସିଂହ, ସଦସ୍ୟା ଭବାନୀ ସିଂଙ୍କ ସହିତ ଅଭିଭାବକ ଓ ଜନସାଧାରଣ ଉପସ୍ଥିତ ଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ ମାନଙ୍କୁ ପୁରସ୍କୃତ କରା ଯାଇଥିଲା । ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତୁଳସୀ ପଣ୍ଡା ମେଡିକାଲ୍ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସମାଜସେବୀ ପୂର୍ବଛାତ୍ର ଅବିନାଶ ମିଶ୍ରଙ୍କୁ ସମ୍ମାନିତ କରା ଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଏବଂ ପତ୍ରିକାର ମୁଖ୍ୟ ସଂପାଦକ ବୀରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସହଯୋଗରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଶାରଦା' ଉନ୍ମୋଚିତ ହୋଇଥିଲା । ବିଦ୍ୟାଳୟ ସାଂସ୍କୃତିକ ପ୍ରମୁଖ ରାଜେନ୍ଦ୍ର ମଟାରୀ, ମୀନା ବାରିକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ମହୁଲ ଫୁଲର ଅଭାବୀ ବିକ୍ରି
# ଶୋଷଣର ଶିକାର ହେଉଛନ୍ତି ଗୋଟାଳି, ମାଲାମାଲ୍ ଦଲାଲ

**ଶଗଡ଼ା, ୩୦ ।୩(ସମିସ)**

କଣ୍ଢାମାଳ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା। ଚାଷ ବ୍ୟତୀତ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଯଥା ଚାର, ମହୁଲ, ମହୁ ଇତ୍ୟାଦି ସଂଗ୍ରହ କରି ବଜାରରେ ତାକୁ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରି ତାଙ୍କ ତେଲଲୁଣ

## ମଣ୍ଡି ଅଭାବରୁ ଶାଗମାଛ ଦରରେ ବିକୁଛନ୍ତି

ଖର୍ଚ୍ଚ ତୁଲାଇଥାନ୍ତି ଏହି ଅଞ୍ଚଳରେ ବସବାସ କରୁଥିବା ଗରିବ ଆଦିବାସୀ। ବର୍ଷକର ମୁଖ୍ୟତଃ ଦୁଇମାସ ଯଥା ମାର୍ଚ୍ଚ ଓ ଏପ୍ରିଲ ମାସରେ ମହୁଲ ଗଛରେ ମହୁଲ ଫୁଲ ସବୁ ଫୁଟିଥାଏ। ଏହି ଫୁଲକୁ ବୌଦ୍ଧ ଜିଲ୍ଲା କଣ୍ଢାମାଳ ଅଞ୍ଚଳର ଗରିବ ଆଦିବାସୀ ମହିଳାମାନେ ସଂଗ୍ରହ କରି ତାକୁ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରିବାର ଆଶା କରିଥାନ୍ତି। ହେଲେ ମହୁଲ ଫୁଲ ସଂଗ୍ରହ କରୁଥିବା ଏହି ଗରିବ ଆଦିବାସୀଙ୍କ ମନରେ ଏବେ ନିରାଶା ଭାବ ଦେଖିବାକୁ ମିଳିଛି। ମହୁଲର ଉଚିତ ମୂଲ୍ୟ ନ ପାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି ଏହି ମହୁଲ ଫୁଲ ଗୋଟାଳୀମାନେ। ସଂଗ୍ରହ କରିଥିବା ମହୁଲକୁ ବିକ୍ରି କରିବା ପାଇଁ



କୌଣସି ମଣ୍ଡି ବା ବଜାର ର ସୁବିଧା ନ ଥିବାରୁ ଏହାକୁ ଶାଗ ମାଛ ଦରରେ ଦଲାଲ ହାତକୁ ଟେକିଦେବାକୁ ବାଧ ଦେଉଛନ୍ତି। ଖାଲି ଯେ ବୌଦ୍ଧ ଜିଲ୍ଲାରେ ନୁହେଁ ସାରା ପଶ୍ଚିମ ଓଡ଼ିଶାରେ ଏହି ମହୁଲ ଫୁଲ ପ୍ରଚୁର ମାତ୍ରାରେ ମିଳିଥାଏ। ମହୁଲ ଫୁଲ ଜଣେ ଗରିବ ଲୋକ ପାଇଁ ରୋଜଗାର ର ଏକ ମାଧ୍ୟମ ସଦୃଶ। ଏହାର ବଜାର ସୃଷ୍ଟି କରି ଗୋଟାଳୀଙ୍କ ଭଲ ଦୁଇପଇସା ମିଳିବାର ବ୍ୟବସ୍ଥା ଆଜିଯାଏ ପ୍ରଶାସନ କରି ପାରି ନ ଥିବା ମହୁଲ ସଂଗ୍ରହକାରୀ ମାନେ ଅଭିଯୋଗ କରିଛନ୍ତି। ବୌଦ୍ଧ ଜିଲ୍ଲାରେ ପ୍ରଚୁର ମାତ୍ରାରେ ମହୁଲ ଉତ୍ପାଦନ ହେଉଥିଲେ ମଧ୍ୟ ଏହାର ସଂରକ୍ଷଣ କିମ୍ବା ଏହାକୁ ନେଇ କିଛି ନୂଆ ପ୍ରକଳ୍ପ ଜିଲ୍ଲାରେ ଆଜିପର୍ଯ୍ୟନ୍ତ ହୋଇପାରିଲା ନାହିଁ। ମହୁଲରୁ କେବଳ ଯେ ମଦ ପ୍ରସ୍ତୁତ ହୁଏ, ତାହା ନୁହେଁ ଏହି ମହୁଲ ଫୁଲ ଓ ଫଳରୁ ତେଲ, ଜେଲି, ଜାମ, ପରଫ୍ୟୁମ ଆଦି ପ୍ରସ୍ତୁତ ହୁଏ। ଦେଶର ଅନ୍ୟ ରାଜ୍ୟ ଗୁଡିକରେ ଏହି ସବୁ ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ଆମ ରାଜ୍ୟର ଶିଳ୍ପ ବିହୀନ ବୌଦ୍ଧ ଜିଲ୍ଲାରେ ଏହି ପରି ଶିଳ୍ପ ପ୍ରତିଷ୍ଠା କଲେ ଏଠିକାର ମହୁଲ ସଂଗ୍ରହକାରୀଙ୍କୁ ଉଚିତ ମୂଲ୍ୟ ମିଳିବା ସହିତ ବହୁ ବେକାର ଯୁବକ ଯୁବତୀଙ୍କୁ ଏଠାରେ କର୍ମ ସଂସ୍ଥାନ ମିଳିପାରନ୍ତା। କିନ୍ତୁ ଜିଲ୍ଲା ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ ତାହା ମଧ୍ୟ ହୋଇ ପାରୁ ନାହିଁ। ସାଧାରଣ ଗୋଟାଳି ଜଣେ ଅଧିକ ମହୁଲ ରଖିବା ମଧ୍ୟ ଅପରାଧ। ତେଣୁ ବାଧ ହୋଇ ମହୁଲ ଗୋଟାଳୀମାନେ କିଛି ମଦ ବେପାରୀ ଓ ଦଲାଲ ମାନଙ୍କ ଦ୍ୱାରା କେ.ଜି ପ୍ରତି ୨୦ ରୁ ୩୦ ଟଙ୍କାରେ ବିକ୍ରି କରି ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଅବିଭାବକ, ଶିକ୍ଷକ ଓ ଛାତ୍ର ପ୍ରତିନିଧିମଣ୍ଡଳୀ ସାଧାରଣ ସଭା

**ବୌଦ୍ଧ, ୩୦ ।୩(ସମିସ):** ବୌଦ୍ଧ ସଦର ବ୍ଲକ ତେତେଲେଙ୍ଗା ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଚଳିତ ଶିକ୍ଷା ବର୍ଷର ଅନ୍ତିମ ଅବିଭାବକ, ଶିକ୍ଷକ ଓ ଛାତ୍ର ପ୍ରତିନିଧି ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅବିଭାବକ ପ୍ରତିନିଧି ମନୋରଞ୍ଜନ ପୁରୋହିତ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ପୃଷ୍ଟି ବୈଠକର ଆଭିମୁଖ୍ୟ ଓ ବିବରଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ବାଣିଜ୍ୟ ଅଧ୍ୟାପକ ଜେନିସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳପ୍ରକାଶ କରିଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ଯଥା ନିୟମିତ ଅଧ୍ୟାପକ, କର୍ମଚାରୀ ନିଯୁକ୍ତି, ଉନ୍ନତ ଖେଳପଡ଼ିଆ, ଛାତ୍ରୀ ନିବାସ, ଗ୍ରନ୍ଥଗାର, ପାନୀୟ ଜଳ, ପରିମଳ ବ୍ୟବସ୍ଥା କରିବା ପାଇଁ ଆଜିର ବୈଠକର ସଭାପତି ଶ୍ରୀ ପୁରୋହିତଙ୍କୁ ଅଧ୍ୟକ୍ଷ, ଜିଲ୍ଲା ପ୍ରଶାସନ ଓ ବିଦ୍ୟାଳୟ ସଂଗଠନ ସହିତ ଯୋଗାଯୋଗ କରି କାର୍ଯ୍ୟ ସମ୍ପାଦନ କରିବାକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା

# ଟ୍ରାଏଲ ରନ୍ ସୋନପୁରରୁ ବୌଦ୍ଧ ଝାରମୁଣ୍ଡାକୁ ଗଡ଼ିଲା ଇଞ୍ଜିନ



**ବାଉଁଶୁଣି, ୩୦ ।୩(ସମିସ):** ବୌଦ୍ଧ ଜିଲ୍ଲାରେ ଆଉ ପାଦେ ଆଗକୁ ଗଡ଼ିଲା ରେଳ। ଆଜି ସୋନପୁରରୁ ବୌଦ୍ଧ ଜିଲ୍ଲା ପୁରୁଣାପାଣି ଷ୍ଟେସନ ଡେଇଁ ଝାରମୁଣ୍ଡା ଷ୍ଟେସନ୍‌କୁ ରେଳ ଇଞ୍ଜିନ ଟ୍ରାଏଲ ରନ୍ କରିଛି। ବୌଦ୍ଧବାସୀଙ୍କ ବହୁ ବର୍ଷର ସ୍ୱପ୍ନ ଧୀରେଧୀରେ ସଫଳ ହେବାକୁ ଯାଉଛି। ପୂର୍ବମାସ ସୋନପୁରରୁ ବୌଦ୍ଧ ଜିଲ୍ଲାର ପ୍ରଥମ ଷ୍ଟେସନ୍ ପୁରୁଣାପାଣି ଷ୍ଟେସନ୍ ପର୍ଯ୍ୟନ୍ତ ରେଳ ଚଳାଚଳ କରିଥିବାବେଳେ ଆଜି ସୋନପୁର ଷ୍ଟେସନରୁ ବୌଦ୍ଧ ଜିଲ୍ଲାର ଦ୍ୱିତୀୟ ଷ୍ଟେସନ୍ ଝାରମୁଣ୍ଡକୁ ରେଳ ଇଞ୍ଜିନ ଚଳାଚଳ କରିଛି। ଏହିରେଳ ଇଞ୍ଜିନରେ ରେଳ ବିଭାଗର ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଆଜିର ଟ୍ରାଏଲ ରନ୍ ସରିବା ପରେ ଖୁବ୍ ଶୀଘ୍ର ବୌଦ୍ଧ ଜିଲ୍ଲା ରେ ରେଳ ଚଳାଚଳ କରିବ ବୋଲି ରେଳ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଜଣା ପଡ଼ିଛି। ଯାହାଫଳରେ ବୌଦ୍ଧବାସୀ ରେଳଯୋଗେ ଭୁବନେଶ୍ୱର ପୁରୀ ସୁରୁଖୁରୁରେ ଯାତ୍ରା କରିପାରିବେ ବୋଲି ଆଶା କରାଯାଉଛି।

# ଜିଲ୍ଲାସ୍ତରୀୟ ୱାର୍ଡସଭ୍ୟ ସଙ୍ଘର ବୈଠକ

**ଦେବଗଡ଼, ୩୦।୩ (ସମିସ):** ଦେବଗଡ଼ ଜିଲ୍ଲା ୱାର୍ଡସଭ୍ୟ ସଙ୍ଘର ଏକ ବୈଠକ ପ୍ରଧାନପାଟଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ସନ୍ତୋଷ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପଞ୍ଚାୟତରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସରପଞ୍ଚ, ଜିଆରଏସ ଓ



ପିଇଓଙ୍କ ଯୋଗୁଁ ସେମାନଙ୍କ ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟ ସଠିକ ଭାବେ ହେଉ ନଥିବା ଅଭିଯୋଗ କରିଥିଲେ। ଉପସଭାପତି ହୃଷିକେଶ ପ୍ରଧାନ ଓ ସମ୍ପାଦକ ଟଙ୍କଧର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଦଣ୍ଡ ଯାତ୍ରା ପାଇଁ ମୁଖରିତ ପୁରପଲ୍ଲୀ
# ନିଷ୍ଠା ଓ କାଷ୍ଟ ପର୍ବ ଦଣ୍ଡଯାତ୍ରା; ଗାଁରୁ ଗାଁ ବୁଲୁଛନ୍ତି ଦଣ୍ଡୁଆ

**ସୁବଳୟା, ୩୦ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ଲୋକସଂସ୍କୃତି ଓ ପରମ୍ପରା ଏକ ଅନନ୍ୟ ବିଭବ ହେଉଛି ଦଣ୍ଡଯାତ୍ରା। କେବଳ ବୀରମହାରାଜପୁର ଉପଖଣ୍ଡର ପ୍ରାୟ ୪୦ ଟି ଗ୍ରାମରେ ଏହି ଦଣ୍ଡଯାତ୍ରା ହେଉଥିବା ଦେଖିବାକୁ ମିଳିଥାଏ। ଚୈତ୍ରମାସର ଆଗମନ ସାଙ୍ଗକୁ କମନା ଗୁଡି (ମନ୍ଦିର) ମାନଙ୍କରେ ଶିବ- ଶକ୍ତିଙ୍କର ଉପାସନା ସହ ଆରମ୍ଭ ହୋଇଯାଇଛି ଭକ୍ତି ଓ ନିଷ୍ଠାର ଏହି ଲୋକପର୍ବ। ଚଳିତ ବର୍ଷ ଏଯାବତ ୧୮ ଟି ଦଣ୍ଡ ଗ୍ରାମ ପରିକ୍ରମା ପାଇଁ ବାହାରି ସାରିଛି। ସେ ମଧ୍ୟରେ ରହିଛି ବୀରମହାରାଜପୁର ବ୍ଲକର ଗୋଧନେଶ୍ୱର, ସୁନାରିବେନୀ, ପିତାମହୁଲ, ବାଗବର, ତେନ୍ତୁଲିମହଦା, ଉଫୁଲା, ମେଣ୍ଡାମାଳ, ଟିଟିପାଲି, କମଳପୁର, ଗଉଡଗାଡ, ଦାଦରପାଲି, ବଡବର୍ଡାକଟା, ମାଣିକପୁର, ବଡ଼ମାଳ, ଚଉକା, ସୁବଳୟା, ସେରଗେଡ଼ା, ଆମ୍ବଶରଭଟା, ଟେଭାପଦର ପ୍ରଭୃତି ଗ୍ରାମ। ଦଣ୍ଡୁଆମାନେ ଗାଁରୁ ଗାଁ ପରିକ୍ରମା କରୁଥିବା ବେଳେ ଗ୍ରାମବାସୀ ଶିବଶକ୍ତଙ୍କର ପୂଜାର୍ଚ୍ଚନା କରିବା ସହ ଦିନବେଳେ ଧୂଳି ଦଣ୍ଡ ଓ ପାଣି ଦଣ୍ଡ ଏବଂ ରାତିରେ ପରିବେଷିତ ହେଉଥିବା ଶୋଆଳ ସୁଆଙ୍ଗ ନାଚ ଉପଭୋଗ କରୁଛନ୍ତି।



# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି

**ବୌଦ୍ଧ, ୩୦ ।୩(ସମିସ):** ଚଳିତବର୍ଷ ଓଡ଼ିଶା ଦିବସ ଜିଲ୍ଲାସ୍ତରରେ ପାଳନ କରାଯିବା ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଆଭାସୀ ମାଧ୍ୟମରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ଏହି ଦିବସ ପାଳନ ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧି ମୁତାବକ ଓଡ଼ିଶା ଦିବସ ପାଳନର ରୂପରେଖ ସମ୍ପର୍କରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରମୁଖ ଶାସନ ସଚିବ ନିର୍ବାଚନ ଆଚରଣ ବିଧି ପାଳନ ପୂର୍ବକ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଓଡ଼ିଶା ଦିବସକୁ ସଠିକ୍ ମର୍ଯ୍ୟାଦାର ସହ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ଦିବସ ପାଳନ ଅବସରରେ ଜିଲ୍ଲାରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ରେକର୍ଡ ମାଧ୍ୟମରେ କେବଳ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ ବୌଦ୍ଧ ସହରସାରା ପରିବେଷଣ କରାଯିବ। ସକାଳ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୮ ବର୍ଷରୁ କମ ଛାତ୍ରଛାତ୍ରୀ ବିଦ୍ୟାଳୟ ସମ୍ମୁଖରେ ପ୍ରଭାତ ଫେରି କରାଯିବା ପାଇଁ ସ୍ଥିର ହୋଇଛି। ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ର ମାନଙ୍କର ଅବଦାନ ସମ୍ପର୍କରେ ଏକ ସାଧାରଣ ସଭା ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମକୁ କୌଣସି ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଆମନ୍ତ୍ରଣ କରାଯିବ ନାହିଁ କିମ୍ବା କୌଣସି ସରକାରୀ କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ଏବଂ ଦଳୀୟ ଲୋଗୋ ଆଦିର ବ୍ୟବହାର ମଧ୍ୟ କରାଯାଇପାରିବ ନାହିଁ। ଏହି ଅବସରରେ କୌଣସି ରାଜନୈତିକ ଭାଷଣ ଏବଂ ପ୍ରଚାର ସହ କୌଣସି ପ୍ରକାର ଶୋଭାଯାତ୍ରା, ମାନପତ୍ର ଏବଂ ଫଳକ ଆଦି ପ୍ରଦାନ ନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ବିଭିନ୍ନ କାର୍ଯ୍ୟସୂଚୀ ଗ୍ରହଣ କରାଯାଇଛି।

## ଜିଲ୍ଲା ଓକିଲ ସଙ୍ଘ ନିର୍ବାଚନ
# ପ୍ରମଥେଶ ସଭାପତି, ବିକାଶ ଉପସଭାପତି

**ଦେବଗଡ଼, ୩୦।୩(ସମିସ):** ଶନିବାର ସାରା ରାଜ୍ୟରେ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଦେବଗଡ ଜିଲ୍ଲା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବରିଷ୍ଠ ଓକିଲ ପ୍ରମଥେଶ ଗୁରୁ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିଭୂତି ଗଙ୍ଗଦେବଙ୍କଠାରୁ ୧୫ ଖଣ୍ଡ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ମୋଟ ୧୦୧ ଜଣ ଓକିଲଙ୍କ ମଧ୍ୟରୁ ୯୪ ଜଣ ମତଦାନ କରିଥିଲେ। ମୋଟ ଭୋଟ ମଧ୍ୟରେ ପ୍ରମଥେଶ ଗୁରୁ ୫୪ ଖଣ୍ଡ ଭୋଟ ପାଇଥିବା ବେଳେ ବିଭୂତି ଗଙ୍ଗଦେବ ୩୯ ଖଣ୍ଡ ଭୋଟ ପାଇଥିଲେ। ଗୋଟିଏ ଭୋଟ ନାକଚ ହୋଇଥିଲା। ପୂର୍ବରୁ ଜିଲ୍ଲା ଓକିଲ ସଂଘ ସଂପାଦକ ଭାବେ କ୍ଷେତ୍ରବାସୀ ମେହେର ଓ ଉପସଭାପତି ଭାବେ ବିକାଶ କୁମାର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଜିଲ୍ଲା ଓକିଲ ସଂଘର ସହସଂପାଦକ ଭାବେ ବିରେନ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ରାଜକିଶୋର ପ୍ରଧାନଙ୍କୁ ମନୋନୀତ କରାଯାଇଛି।





କାର୍ଯ୍ୟକାରୀ ସଦସ୍ୟ ଭାବେ ବରିଷ୍ଠ ଓକିଲ ଜୟଭଗବାନ ଅଗ୍ରୱାଲ, ସୁଧାଂଶୁ କୁମାର ଅମାତ୍ୟ, ରାଜୀବ ଲୋଚନ ପ୍ରଧାନ, ପ୍ରମୋଦ କୁମାର ନନ୍ଦ ଓ ମନୋଜ କୁମାର ପାଢୀଙ୍କୁ ମନୋନୀତ କରାଯାଇଛି। ଜିଲ୍ଲା ଓକିଲ ସଂଘ ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଓକିଲ ଜୟନ୍ତ ମହାନ୍ତି ସମସ୍ତ ପଦାଧିକାରୀଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି।

# ସିଭିଲ ଓ କ୍ରିମିନାଲ କୋର୍ଟ ଓକିଲ ସଙ୍ଘ ସଭାପତି ହେଲେ ଶାନ୍ତନୁ

**ବୌଦ୍ଧ, ୩୦ ।୩(ସମିସ):** ବୌଦ୍ଧ ଜିଲ୍ଲା ସିଭିଲ୍ ଆଣ୍ଡ କ୍ରିମିନାଲ କୋର୍ଟ ଓକିଲ ସଂଘର ନିର୍ବାଚନ ହୋଇଯାଇଛି। ଏହି ନିର୍ବାଚନ ପ୍ରକ୍ରିୟା ସକାଳ ୮ ଟା ଠାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଚାଲିଥିଲା। ନିର୍ଦ୍ଧାରିତ ସମୟରେ ୭୦ ପ୍ରତିଶତ ମତଦାନ ହୋଇଥିଲା। ଅପରାହ୍ନ ୪ ଟାରେ ମତଦାନ ବାକ୍ସ ଖୋଲାଯାଇ ଭୋଟ ଗଣତି ସରିବା ପରେ ସଂଘ ର ନିର୍ବାଚନ ଅଧିକାରୀ ସଭାପତି ଭାବେ



ଶାନ୍ତନୁ କୁମାର ମହପାତ୍ରଙ୍କୁ ନିର୍ବାଚିତ ଘୋଷଣା କରିଥିଲେ। ଶ୍ରୀ ମହାପାତ୍ର ପଞ୍ଚମଥର ପାଇଁ ଏହି ସଂଘର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସମସ୍ତ ନିର୍ବାଚନ ପ୍ରକ୍ରିୟା ସଂଘର ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ କୃଷ୍ଣ ଚନ୍ଦ୍ର ମେହେର ପରିଚାଳନା କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ସଂଘର ଉପସଭାପତି ଭାବେ ବିଭୁ ପ୍ରସାଦ ଖେତି, ସାଧାରଣ ସମ୍ପାଦକ ଭାବେ ନିକୁଞ୍ଜ ମାଧବ ବେହେରା, ସହ ସମ୍ପାଦକ ଭାବେ ବିକାଶ ରଞ୍ଜନ ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ବିକାଶ ଅଗ୍ରୱାଲା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ କେବଳ ସଭାପତି ପଦ ପାଇଁ ବୌଦ୍ଧ ଓକିଲ ସଂଘର ଇତିହାସରେ ପ୍ରଥମଥର ପାଇଁ ନିର୍ବାଚନ ହୋଇଥିଲା।

# ଡିମୁର ଗ୍ରାମରେ ପଞ୍ଚଦୋଳ ଯାତ୍ରା

**ରିଆମାଳ, ୩୦।୩ (ସମିସ):** ରିଆମାଳ ବ୍ଲକ ଅନ୍ତର୍ଗତ ଡିମୁର ଗ୍ରାମରେ ରାଧାକୃଷ୍ଣଙ୍କ ମନ୍ଦିରରେ ପଞ୍ଚଦୋଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଏହି ଅବସରରେ ବାବାରାକୋଟ, ରିଆମାଳ, ବଡ଼ବାହାଲ ସମେତ ୧୦ଟି ମହିଳା ପୁରୁଷ ସଂକୀର୍ତନ ଦଳ, ଗରିଆପାଲି, ନଖବାହାଲ, କରଲଗା ଘଣ୍ଟ ବାଦ୍ୟ, ଡିମୁରର କୃଷ୍ଣ ଗୁରୁ, ଗଉଡବାଡି ନୃତ୍ୟ ଦ୍ୱାରା ଚାଞ୍ଚିରୀ ଯାତ୍ରା କରି ଗ୍ରାମ ପରିକ୍ରମା କରାଯାଇଥିଲା। ପ୍ରଭୁ ମାତା ରାଧା ଓ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସ୍ୱତନ୍ତ୍ର ବିମାନ ପ୍ରସ୍ତୁତ କରି ଗ୍ରାମ ପରିକ୍ରମା କରାଯାଇଥିଲା। ପ୍ରତ୍ୟେକ ଘର ସମ୍ମୁଖରେ ବନ୍ଦପଣା କରି ଦର୍ଶନ ଲାଭ କରିଥିଲେ। ପରେ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଦୋଳ ମଣ୍ଡପରେ ପୂଜା କାର୍ଯ୍ୟ ଓ ହୋମଯଜ୍ଞ ହୋଇଥିଲା। ପୂଜକ ଭାବେ ସଞ୍ଜିବ ନନ୍ଦ, ଗୋବର୍ଦ୍ଧନ ଶତପଥୀ ଓ କର୍ତ୍ତା ଭବେ ବିନୟ ପ୍ରଧାନ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ରାତିରେ ଦୁଇ ଦିନ ଧରି ସାମାଜିକ ନାଟକ ପରିବେଷଣ ହୋଇଥିଲା। ସଭାପତି ଇନ୍ଦୁକାନ୍ତ ପ୍ରଧାନ, ସମ୍ପାଦକ ଗିରିନ୍ଦ୍ର ଝାଙ୍କରଙ୍କ ତତ୍ତ୍ୱାବଧାନରେ ତରଣୀସେନ ପ୍ରଧାନ, ଶଶି ସାହୁ, ଅନିରୁଦ୍ଧ ବେହେରା, ରଞ୍ଜନ ସାହୁ, ବିଶ୍ୱନାଥ ଠେଲା, ଚୈତନ୍ୟ ଲୁହା ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ମା’ ଶରଣୀପାଟ ଯାତ୍ରା ପ୍ରସ୍ତୁତି

**ଦେବଗଡ଼, ୩୦।୩(ସମିସ):** ରିଆମାଳ ବ୍ଲକ ଅନ୍ତର୍ଗତ ପାଇକନଗର ଗ୍ରାମରେ ଚୈତ୍ର ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହେବାକୁ ଥିବା ମା’ ଶରଣୀପାଟ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ କମିଟିର ସଭାପତି ପଦ୍ମନାଭ ଦଲବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବ ବର୍ଷର ଯାତ୍ରାର ସମୀକ୍ଷା କରାଯିବା ସହ ଚଳିତବର୍ଷ ଯାତ୍ରାକୁ ପୂର୍ବବର୍ଷ ଅପେକ୍ଷା ଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବା ନେଇ ଆଲୋଚନା କରାଯାଇଥିଲା। ସର୍ବସମ୍ମତିକ୍ରମେ ଚଳିତ ବର୍ଷ ପୂଜା କମିଟିର ସଭାପତି ଭାବେ ପୌଲସ୍ତି କୁମାର ଭୋଇ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରତାପ କୁମାର ଘଡେଇ, ଉପସଭାପତି ଭାବେ ଟିକୁନୁ ଦଲବେହେରା, ଅବନୀ ସାହୁ, ମନୋରଞ୍ଜନ ସାହୁ ସମ୍ପାଦକ ଭାବେ ଭୋଲେଶ୍ୱର ମାଝୀ, ସହସମ୍ପାଦକ ନଗେନ ଭୁକ୍ତା, ନରେଶ ବେହେରା, ନରେଶ ଦଲବେହେରା, ମିଡିଆ ସଂଯୋଜକ ଅପେକ୍ଷା ଅମାତ୍ୟ, ବିନେଶ ଦଲବେହେରା ଉପଦେଷ୍ଟା ଭାବେ ଅମୃତ



ଗଡ଼ନାୟକ, ପଦ୍ମନାଭ ଦଲବେହେରା, ସନ୍ତୋଷ ଜେନା, ସୁବ୍ରତ ସାହୁ, ପଞ୍ଚାନନ ଭୁକ୍ତା, ମହେଶ୍ୱର ପ୍ରଧାନ, ପ୍ରଶାନ୍ତ ମାଝୀ, ସୁନୀଲ ଦଲବେହେରା, ଅଶୋକ ବେହେରା ଓ ଆବାହକ ଭାବେ ପ୍ରାଣବନ୍ଧୁ ଘଡେଇଙ୍କୁ ଚୟନ କରାଯାଇଛି।

# ପୁଣି ବିଧାନଚନ୍ଦ୍ର ହେଲେ ଜିଲ୍ଲା ଓକିଲ ସଂଘ ସଭାପତି

**ସୋନପୁର, ୩୦ ।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେଇଯାଇଛି। ଚଳିତ ନିର୍ବାଚନରେ



ସମୁଦାୟ ୨୨୫ ଜଣ ଭୋଟରଙ୍କ ମଧ୍ୟରୁ ୧୮୯ ଜଣ ନିଜ ନିଜର ମତାଧିକାର ସାବ୍ୟସ୍ତ କରିଥିଲେ। ସଭାପତି ଭାବରେ ବିଧାନଚନ୍ଦ୍ର ପାଣିଗ୍ରାହୀ ଏବଂ ରାମଶଙ୍କର ମେହେରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଇଥିଲା। ବିଧାନଚନ୍ଦ୍ର ପାଣିଗ୍ରାହୀ ୧୦୨ ଖଣ୍ଡ ଭୋଟ ପାଇ ୧୬ ଖଣ୍ଡ ଅଧିକ ଭୋଟରେ ପୁଣି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ରାମଶଙ୍କର ମେହେରଙ୍କୁ ମୋଟ ୮୬ ଖଣ୍ଡ ଭୋଟ ମିଳିଥିଲା। ୧ ଖଣ୍ଡ ଭୋଟ ନାକଚ ହେଇଥିଲା। ନିଦ୍ୱର୍ନ୍ଦ୍ୱରେ ସଂଘର ଉପସଭାପତି ଭାବରେ ପ୍ରଫୁଲ୍ଲ ସାହୁ, ସମ୍ପାଦକ ଭାବରେ ଦାସଦିପ୍ତ ମହାପାତ୍ର, ଯୁଗ୍ମ ସମ୍ପାଦକ ଭାବରେ ମନୋଜ କୁମାର ବିଶି, ଲାଇବ୍ରେରୀ ସମ୍ପାଦକ ଭାବେ ଦଶରଥ ମିଶ୍ର ମନୋନୀତ ହୋଇଛନ୍ତି। ସଭ୍ୟ ଭାବରେ ଦେବେନ୍ଦ୍ର ପଡ଼ିଆ, ଶମ୍ଭୁପ୍ରସାଦ ବିଶି, ଯୁବରାଜ ସିଂନୀନା, ପ୍ରଣତି କୁମ୍ଭାର ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହେଇଥିଲେ।

# ଟ୍ରାଫିକ୍ ସମସ୍ୟା ପାଇଁ ଡହଳବିକଳ

**ତୁଷୁରା,୩୦ ।୩ (ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ସହର ଭିତରେ ଜବରଦଖଲ ପାଇଁ ଟ୍ରାଫିକ ସମସ୍ୟା ବର୍ତ୍ତମାନ ଗମ୍ଭୀର ପରିସ୍ଥିତିରେ ପହଞ୍ଚିଛି। ଏପଟେ ଗ୍ରୀଷ୍ମ ପ୍ରବାହ ପାଇଁ ତୁଷୁରା ଅଞ୍ଚଳର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବାରୁ ସହରବାସୀ ଗରମରୁ ଡହଳବିକଳ ହେଉଥିବା ବେଳେ ସହର ରାସ୍ତାରେ ଯିବାଆସିବା ସମୟରେ ଟ୍ରାଫିକ ସମସ୍ୟାରେ ଫସି ରାସ୍ତା ଉପରେ ଲୋକେ ଗରମରେ ୧୦ ମିନିଟରୁ ଅଧିକ ସମୟ ଅପେକ୍ଷା କରି ତ୍ରାହି ତ୍ରାହି ଡାକୁଛନ୍ତି। ଯାହାର ମୁଖ୍ୟ କାରଣ ହେଲା ସହର ମୁଖ୍ୟ ରାସ୍ତାକୁ କେତେକ ବାହୁବଳୀ ଲୋକ ଜବରଦଖଲ କରି ନିଜ ଅକ୍ତିଆରକୁ ନେଇଛନ୍ତି। ତୁରନ୍ତ ଏ ଦିଗରେ ବଲାଙ୍ଗିର ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ଲୁଲଙ୍ଗରେ କଂଗ୍ରେସର ନିର୍ବାଚନୀ ବୈଠକ

**ଦେବଗଡ଼, ୩୦।୩(ସମିସ):** ରିଆମାଳ ବ୍ଲକ ଅନ୍ତର୍ଗତ ଲୁଲଙ୍ଗ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ଏକ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ନିର୍ବାଚନରେ ଜନସମର୍ଥନ ଯୋଗାଡ଼ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲଶ। ଅଲେଖଚନ୍ଦ୍ର ନାଏକ, ଫକୀର ପ୍ରଧାନ, ନନ୍ଦଲାଲ ବେହେରା, ମାଧବ ପ୍ରଧାନ, ଜ୍ଞାନେନ୍ଦ୍ରୀୟ ପ୍ରଧାନ, ମନୋଜ ନାଏକ, ପ୍ରହଲ୍ଲାଦ ନାଏକ, ଅର୍ଜୁନ ପ୍ରଧାନ, ସଞ୍ଜୟ ପ୍ରଧାନ, ଦେବାନନ୍ଦ ନାଏକ, ଅସତ୍ତୁ ନାଏକ ଜିତେନ୍ଦ୍ରିୟ ଗଡ଼ତିଆ। ଅଂଶଗ୍ରହଣ କରିଥିଲେ। ସଭାରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଯୋଗ ଦେଇଥିଲେ।



# ଭୂମିହୀନ ବୈରାଗୀଙ୍କ ପରିବାରକୁ ଆବାସ ଯୋଜନାରେ ଘର କେବେ ?

**ଜହ୍ନାପଙ୍କ, ୩୦ ।୩(ସମିସ)**

ସରକାର କଚ୍ଚା ଘରକୁ ପକ୍କା ଘର କରିବା ପାଇଁ ଯୋଜନା ରଖିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ୍ ପଡୁଛନ୍ତି। ଏଭଳି ଉଦାହରଣ ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଲି ପଞ୍ଚାୟତ ଅନ୍ତର୍ଗତ ତରଭା ଗାଁର ବୈରାଗୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ପରିବାର କହିଲେ ବୈରାଗୀ କହଁର (୪୨) ସ୍ତ୍ରୀ ପ୍ରମିଳା(୩୫) ଝିଅ ତେଜସ୍ୱିନୀ (୯ ବର୍ଷ) ଓ ୭ ମାସର ପୁଅ ମାନସ ସହିତ ବୃଦ୍ଧା ମା’। ଜମି ବାଡ଼ି କିଛି ନ ଥିବାବେଳେ ପୈତୃକ ସମ୍ପତ୍ତି କହିଲେ ୧୧ ଡିସିମିଲ ଘରବାରି। ମୂଲମଜୁରୀ କରି ଯାହା ମିଳେ ଏଥିରେ ପରିବାର ଚଳେ। ସ୍ତ୍ରୀ ଜଣେ ମାନସିକ ରୋଗୀ ଓ ବୈରାଗୀ କିଡନୀ ରୋଗରେ ଆକ୍ରାନ୍ତ। ଏଭଳି ପରିସ୍ଥିତିରେ ମୂଲ କରି ପରିବାର ଚଳାଇବା ପାଇଁ କଷ୍ଟ ହୁଏ। ତେବେ ଅର୍ଥ ଅଭାବାରୁ କଚ୍ଚା ଘରେ କେଇ ଖଣ୍ଡ ଆଜବେଷ୍ଟସ ଓ ଜରିପାଲ ଟାଣି ରହୁଛନ୍ତି ଏହି ଅସହାୟ ପରିବାର। ଘର ଅଛି ହେଲେ କବାଟ ନାହିଁ।



ପଞ୍ଚାୟତ ପକ୍ଷରୁ ତାଙ୍କୁ ୨୦ କିଲୋ ଚାଉଳ ମିଳୁଛି। ତେବେ ପରିତାପର ବିଷୟ ପଞ୍ଚାୟତରେ ପକାଘର ଥିଲା ବାଲାକୁ ଘର ମିଳୁଥିବା ବେଳେ ଗରିବଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ସଦୃସ ହୋଇଛି। ତେବେ କେଉଁ କାରଣରୁ ତାଙ୍କୁ ଆବାସ ଯୋଜନାରେ ଘର ମିଳିନାହିଁ ତାର ଖିଅ ସେ ଖୋଜି ପାଆନ୍ତି ନାହିଁ। ଅନ୍ୟପକ୍ଷରେ ପଞ୍ଚାୟତରେ ଘର ନ କରି ବିଲ୍ ଉଠାଇ ନେଇଥିବା, ସମାନ ହିତାଧିକାରି ଘର ହାତେଇଥିବା ଭଳି ବୌଦ୍ଧ ବିଡିଓ, ବିଡି ଡିଆର ଡି ଏ, ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ତଦନ୍ତ ହେଉଥିବା ନାଁ ରେ ବିଭାଗୀୟ ଅଧିକାରୀଙ୍କ ଢାଲ ସାଜିଛି। ଏନେଇ ବୈରାଗୀ ବୌଦ୍ଧ ବିଡିଓ ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏନେଇ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ଇସିଶିଶି ତାଲିକାରେ ତାଙ୍କ ନାମ ନଥିବାରୁ ତାଙ୍କ ନାମ ଏହି ତାଲିକାରେ ସାମିଲ ହୋଇ ନାହିଁ। ତେବେ ସେ ମୋ ଘର ଯୋଜନା ପାଇଁ ଆବେଦନ କରି ପାରିବେ ବୋଲି କହିଥିଲେ।

## ଝାରସୁଗୁଡ଼ା ଓକିଲ ସଂଘ ନିର୍ବାଚନ

# ରାଧାକାନ୍ତ ସଭାପତି, ମନୀଷ ସମ୍ପାଦକ



**ଝାରସୁଗୁଡ଼ା, ୩୦।୩(ସମିସ) :** ଝାରସୁଗୁଡ଼ା ଓକିଲ ସଂଘ ନିର୍ବାଚନରେ ରାଧାକାନ୍ତ ସା ସଭାପତି ଓ ମନୀଷ ବାଜପେୟୀ ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି। ୮୮ ପ୍ରତିଶତରୁ ଅଧିକ ମତ ଗ୍ରହଣ ହୋଇ ଅପରାହ୍ନ ୩ଟା ପରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ପୂର୍ବତନ ସଭାପତି ତ୍ରିନାଥ ଗୁଆଲଙ୍କୁ ୨୨ ଖଣ୍ଡ ଭୋଟରେ ଶ୍ରୀ ସା ପରାସ୍ତ କରିଛନ୍ତି। ଉପ ସଭାପତି ପଦରେ ଏସ.କେ ଶୁଭନୀଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଅମୂଲ୍ୟ ପାଣିଗ୍ରାହୀଙ୍କ ଠାରୁ ୮ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ-୧ ପଦରେ ପବିତ୍ର ବିଶି ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରଭୁଚରଣ ଆଇନ୍ଦଙ୍କଠାରୁ କେବଳ ୨ଟି ଭୋଟରେ ଅଗ୍ରଣୀ ରହିଥିବା ବେଳେ ଯୁଗ୍ମ ସମ୍ପାଦକ-୨ ପଦରେ ମଧ ରାମହରି ପୂଜାରୀ ନିକଟତମ ପ୍ରାର୍ଥୀ ଅହଲ୍ୟା ନାଏକଙ୍କ ଠାରୁ ୬ ଖଣ୍ଡ ଭୋଟ ଅଧିକ ପାଇଥିଲେ। ଏହାଛଡ଼ା କୋଷାଧ୍ୟକ୍ଷ ପଦରେ ସଞ୍ଜୟ ପ୍ରଧାନ ପୂର୍ବରୁ ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି।

# ଏଲ୍ଏନ୍ କଲେଜରେ ଜୈବିକ ସାର ପ୍ରସ୍ତୁତି ଉପରେ କର୍ମଶାଳା

**ଝାରସୁଗୁଡ଼ା, ୩୦।୩(ସମିସ)**

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ, ଉଦ୍ଭିଦ ବିଜ୍ଞାନ ବିଭାଗ ତଥା ଆଇକ୍ୟୁଏସି ମିଳିତ ଉଦ୍ୟମରେ ଜୈବିକ ଖତ ପ୍ରସ୍ତୁତି ଉପରେ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ବିଶିଷ୍ଟ ବୈଜ୍ଞାନିକ ସଞ୍ଜିତ କୁମାର ସାହୁ ଯୋଗଦେଇ ସବୁଜ ବିପ୍ଳବ ପରବର୍ତ୍ତୀ ସମୟରେ ଅତ୍ୟଧିକ ରାସାୟନିକ ସାର, ପୋକମରା ଔଷଧ ଆଦିର ବ୍ୟାପକ ବ୍ୟବାହର ଫଳରେ ଚାଷ ଜମିର ମୌଳିକତା ନଷ୍ଟ, ଅତ୍ୟଧିକ ବ୍ୟୟ ତଥା ଲୋକେ କ୍ୟାନସର ପରି ବ୍ୟାଧିର ଶିକାର ହେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ତେବେ ଏସବୁର ସମାଧାନ ପାଇଁ ଜୈବିକ ପଦ୍ଧତିର ବ୍ୟବହାର ତଥା ଜିଆ ଚାଷ ମାଧ୍ୟମରେ ଲୋକେ କମ୍ପୋଷ୍ଟ ତିଆରି କରିପାରିବେ ଓ ଆର୍ଥିକ ଭାବରେ ଉପକୃତ ହେବା ସହିତ ବିଷମୁକ୍ତ ଖାଦ୍ୟ ପାଇଁ ସହାୟ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହାର ପ୍ରସ୍ତୁତି କୌଶଳ ତଥା ଛାତ୍ର ଛାତ୍ରୀମାନେ ନିଜସ୍ୱ ଉଦ୍ୟମରେ ନିଜ ପରିବାର ତଥା ପଡ଼ୋଶୀଙ୍କୁ ଜୈବିକ ଖତ ପ୍ରସ୍ତୁତି, ଜିଆ ଚାଷର ବିଶେଷତ୍ୱ ଉପରେ ସହଯୋଗ କରିପାରିବେ ବୋଲି ତଥ୍ୟଭିତ୍ତିକ ଯୁକ୍ତି ଉପସ୍ଥାପନ କରିଥିଲେ। ପ୍ରାଧ୍ୟାପିକା ଡ ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଅଧ୍ୟାପିକା ନିମା ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାଧ୍ୟାପକ ବିଜ୍ଞାନ ଭୂଷଣ ଭଞ୍ଜ, ପ୍ରାଧ୍ୟାପକ ତପନ କୁମାର ବାରିକ, ପ୍ରାଧ୍ୟାପିକା ସୌଦାମିନୀ ପାଣ୍ଡେ, ଡ ଗୀତା ରାଣୀ ଦିକ୍ଷୀତ, ପ୍ରାଧ୍ୟାପିକା ପୂର୍ଣ୍ଣମାମୟୀ ଦାସ, ଅଧ୍ୟାପକ ବିନୋଦ ପରିଡ଼ା ତଥା ଛାତ୍ରଛାତ୍ରୀମାନେ ଏହି କର୍ମଶାଳାରେ ଖୁବ ଉତ୍ସାହର ସହ ଭାଗ ନେଇଥିଲେ। ଶେଷରେ ପ୍ରାଣୀ ବିଜ୍ଞାନ ବିଭାଗର ବିଜ୍ଞାନଗାର ସହାୟିକା ସୁଶ୍ରୀ ସ୍ୱାତି ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ, ବିବାହିତ ଯୁବକ ଗିରଫ

**ବ୍ରଜରାଜନଗର, ୩୦।୩(ସମିସ):** ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ବିବାହିତ ଯୁବକଙ୍କୁ ବ୍ରଜରାଜନଗର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବ୍ରଜରାଜନଗର ଥାନା ଅଞ୍ଚଳର ଜଣେ ମହିଳା ଦୁଷ୍କର୍ମ ଶିକାର ହୋଇ ଥାନାରେ ଅଭିଯୋଗ କରିଥିଲେ। ଆଜି ବ୍ରଜରାଜନଗର ପୁଲିସ ଝାରସୁଗୁଡ଼ାରୁ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ ଯୁବକ ମଙ୍ଗଳବଜାର ଅଞ୍ଚଳର ବୋଲି ଜଣାପଡ଼ିଛି।

# ଝାରସୁଗୁଡ଼ାରେ ପ୍ରବଳ ଗରମ; ଜନଜୀବନ ଅସ୍ତବ୍ୟସ୍ତ

**ଝାରସୁଗୁଡ଼ା, ୩୦।୩(ସମିସ):** ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଗତ ଚାରି ଦିନ ହେବ ପ୍ରବଳ ଗରମ ଅନୁଭୂତ ହେଉଛି। ପ୍ରବଳ ଗରମ ହେବା ଯୋଗୁଁ ସକାଳ ଏଗାରଟାରୁ ଅପରାହ୍ନ ତିନିଟା ପର୍ଯ୍ୟନ୍ତ ସହରର ମୁଖ୍ୟ ରାସ୍ତା ଖାଁ ଖାଁ ଲାଗୁଛି। ଗତ ଗୁରୁବାର ଦିନ ଝାରସୁଗୁଡ଼ା ସହରର ତାପମାତ୍ରା ୩୮ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଶୁକ୍ରବାର ତାପମାତ୍ରା ୩୯ ଡିଗ୍ରୀ ରହିଥିଲା। ପ୍ରବଳ ଗରମ୍ ଯୋଗୁଁ ସହରର ବିଭିନ୍ନ ନଳକୂପ, କୂଅ, ନଈନାଳ ପୋଖରୀ ପାଣି ଶୁଖିବାକୁ ବସିଲାଣି। ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ନଳକୂପ ଗୁଡିକ ଅଚଳ ହୋଇ ପଡ଼ିଥିବା ବେଳେ କେତେକ ନଳକୂପରୁ ନାଳି ପାଣି ବାହାରୁ ଥିବା ପରିଲକ୍ଷିତ ହେଉଛି। ପ୍ରବଳ ଗରମ ଯୋଗୁଁ ପୌର ପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିଥିବା ବେଳେ ଆସନ୍ତା ୧ ତାରିଖରୁ ସମସ୍ତ ଜଳଛତ୍ର ଖୋଲିବ ବୋଲି ସୂଚନା ମିଳୁଛି। ଅନ୍ୟପଟେ ସହରର ବିଭିନ୍ନ ଦୋକାନରେ କୁଲର, ଏସି ଓ ଫ୍ୟାନ ବିକ୍ରି ବୃଦ୍ଧି ପାଇଛି। ସହର ସମେତ ଆଖପାଖ ଅଞ୍ଚଳରେ ପ୍ରବଳ ଗରମ୍ ଅନୁଭୂତ ହେଉଥିବା ବେଳେ ବିଦ୍ୟୁତ କାଟ ଅସହ୍ୟ କରୁଛି। ମାତ୍ରାଧିକ ଗରମ ସହିତ ପଶୁପକ୍ଷୀ ଜଳକଷ୍ଟ ଭୋଗୁଥିବା ଦେଖିବାକୁ ମିଳିଛି। ଝାରସୁଗୁଡ଼ା ଜିଲ୍ଲାର ଲଖନପୁର, ଲଇକେରା, କିରିମିରା ସମେତ ବିଭିନ୍ନ ଜଙ୍ଗଲରେ ମହୁଲ ଗୋଟାଇବା ପାଇଁ ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ପରିଲକ୍ଷିତ ହେଉଛି। ନିଆଁ ଲାଗିବାରୁ ଔଷଧୀୟ ଗଛ ନଷ୍ଟ ହେବା ସହିତ ପଶୁପକ୍ଷୀ ମରୁଛନ୍ତି। ଏପରିକି ଖାଦ୍ୟ ଅଭାବରୁ ହନୁମାଙ୍କଡମାନେ ସହର ମୁହାଁ ହେଉଛନ୍ତି। ଅନ୍ୟ ପକ୍ଷରେ ଝାରସୁଗୁଡ଼ା ବ୍ଲକରେ ଯେତେ ଗରମ ଅନୁଭୂତ ହୁଏ ତା' ଅପେକ୍ଷା ବ୍ରଜରାଜନଗର, ବେଲପାହାଡ଼ ଅଞ୍ଚଳରେ ତାଠାରୁ ଅଧିକ ଗରମ ଜଣାପଡ଼େ। ଏହାର ପ୍ରମୁଖ କାରଣ ହେଉଛି ସେ ଅଞ୍ଚଳରେ କୋଇଲା ଖଣି ଥିବା ଓ କୋଇଲାରେ ନିଆଁ ଲାଗିବା। ଅନ୍ୟପଟେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ଘରୋଇ କାମରେ ନିୟୋଜିତ ଶ୍ରମିକମାନେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ନ କରିବା ପାଇଁ ସରକାରୀ ଭାବେ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ଏହାର ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି। ପ୍ରବଳ ଗରମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଆସନ୍ତା ଦୁଇ ତାରିଖରୁ ସକାଳୁଆ ସ୍କୁଲ ହେବା ଓ ସକାଳ ସାତଟାରୁ ଦିନ ୧୧.୩୦ ପର୍ଯ୍ୟନ୍ତ ପାଠପଢ଼ା ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ପରୀକ୍ଷା ଫଳ ଘୋଷଣା

**ଝାରସୁଗୁଡ଼ା, ୩୦।୩ (ସମିସ):** ସରବାହାଲସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷାବର୍ଷ ୨୦୨୩-୨୪ର ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁ ମାନଙ୍କର ବାର୍ଷିକ ପରୀକ୍ଷା ଫଳ ଘୋଷଣା କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ପଟେଲ ସପ୍ତମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଜୟଶ୍ରୀ ଟେଲି, ଦ୍ୱିତୀୟ ସ୍ଥାନରେ ଆକାଂକ୍ଷା ଦାଶ, ତୃତୀୟ ସ୍ଥାନରେ ଖୁସି ଉପାଧ୍ୟାୟଙ୍କୁ ଉତ୍ସାହିତ କରିବା ନିମନ୍ତେ 'ଅମୂଲ୍ୟ ରତ୍ନ' ପୁରସ୍କାର ପ୍ରଦାନ କରିଥିଲେ। ପରିଚାଳନା ସମିତି ର ସଭାପତି ଡ଼. ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ ଶିଶୁ ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହିତ କଠୋର ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ପଟେଲ ଅତିଥି ପରିଚୟ ପ୍ରଦାନ କରିଥଲେ। ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ମେହେର ସ୍ୱାଗତ ସଙ୍ଗୀତ ଗାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଇତିଶ୍ରୀ କଳେଶ୍ୱର ଗୁରୁମା ମଞ୍ଚ ସଞ୍ଚାଳନ ଏବଂ ମମତା ରାଉଳ, ସରିତା ପଣ୍ଡା, ମଞ୍ଜୁଲତା ସାହୁଙ୍କ ସମେତ ସମସ୍ତ ଗୁରୁମାନେ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।



# ଡିଏଭି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




**ଲଖନପୁର, ୩୦।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଡିଏଭି ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷା ଅନିତା ଭାଗ୍ୟରାଜଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଓପିଜିସି ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ରାଉତ, ସମ୍ମାନିତ ଅତିଥି ଭାବେ ଓପିଜିସି ମାନବ ସମ୍ବଳ ଅଧିକାରୀ ଡ ରତିକାନ୍ତ ଦାସ, ରାଉରକେଲାସ୍ଥ ଡ଼ିଏଭି ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ, ଝାରସୁଗୁଡା ଡ଼ିଏଭି ଅଧ୍ୟକ୍ଷ ପି କେ ପଣ୍ଡା, ଇବ ଭେଲି ବ୍ରଜରାଜନଗର ଅଧ୍ୟକ୍ଷ ପି କେ ନାୟକ, ଏସୋସିପି ବ୍ରଜରାଜନଗରର ଅଧ୍ୟକ୍ଷ ଚିନ୍ମୟ ମହାପାତ୍ର, ବନ୍ଧବାହାଲ ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା, ବନ୍ଧବାହାଲ ପୂର୍ବତନ ଅଧ୍ୟକ୍ଷ ଏ କେ ମିଶ୍ର, ବନହରପାଲି ଓଡ଼ିଆ ଡ଼ିଏଭି ପ୍ରଧାନଶିକ୍ଷକ ପ୍ରଭାକର ମହାନ୍ତି, ବନହରପାଲି ଥାନା ଅଧିକାରୀ ରଞ୍ଜିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ ଉତ୍ସବରେ ସ୍କୁଲ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଚକୋଟୀର ପ୍ରଦର୍ଶନ କରି ଅତିଥିମାନଙ୍କ ଓ ଅଭିଭାବକମାନଙ୍କର ମନ ମୁଗ୍ଧ କରାଇ ବେଶ୍ ପ୍ରଶଂସା ସାଉଁଟିଥିଲା। ମୁଖ୍ୟଅତିଥି ସ୍କୁଲର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ଅଧ୍ୟକ୍ଷା ଅନୀତା ଭାଗ୍ୟରାଜ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ ଓ ପ୍ରେରଣା ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିବା ସହ କାର୍ଯକ୍ରମକୁ ସାଫଲ୍ୟ ମଣ୍ଡିତ କରାଇଥିଲା। ଓଡ଼ିଆ ଶିକ୍ଷକ ପ୍ରେମାନନ୍ଦ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିବା ବେଳେ ଇଂରାଜୀ ଶିକ୍ଷକ ଦେବାଶିଷ ରୟ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବରିଷ୍ଠ ମ୍ୟୁଜିକ ଶିକ୍ଷକ ପ୍ରମୋଦ କୁମାର ଦାସଙ୍କ ନିର୍ଦ୍ଦେଶନାରେ ସମ୍ପାଦନ ହୋଇଥିଲା। ସ୍କୁଲର ବରିଷ୍ଠ ଶିକ୍ଷୟତ୍ରୀ ରଶ୍ମି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରେଡ୍ ରିବନ କ୍ଲବ ପକ୍ଷରୁ ଏଡସ୍ ସଚେତନତା କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୩୦।୩(ସମିସ):** ସ୍ଥାନୀୟ ପି.କେ.ଏସ୍.ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁଥ ରେଡକ୍ରସର ରେଡ ରିବନ କ୍ଲବ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଓ ଏଡସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍ଓ ଡ.ରାଧାରମଣ ବିର୍ତ୍ତିଆ ଓ ମୁଖ୍ୟବକ୍ତା ରୂପେ ଯୁଥ ରେଡକ୍ରସର ଜିଲ୍ଲା ସଂଯୋଜକ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ପଧାନ ଯୋଗ ଦେଇ ଏଡସ୍ ଏକ ମାରାତ୍ମକ ରୋଗ ଓ ସେ ବିଷୟରେ ସମସ୍ତେ ସଚେତନ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଯୁଥ ରେଡକ୍ରସର କାଉନସିଲର ଅଧ୍ୟାପିକା ମନ୍ଦାକିନୀ ଶତପଥୀ ସଭା ପରିଚାଳନା କରିଥିବା ବେଳେ ଅଞ୍ଜୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀବୃନ୍ଦ ଯୋଗଦାନ କରିଥିଲେ।




# ରଞ୍ଜନ ଦାଶଙ୍କ ଅଷ୍ଟମ ଶହୀଦ ବାର୍ଷିକୀ ପାଳନ




**ବରଗଡ଼/ସମ୍ବଲପୁର, ୩୦।୩(ସମିସ):** ଶନିବାର ବରଗଡ଼ ସଦର ବ୍ଲକ ଖଣ୍ଡହତା ଗ୍ରାମର ବୀର ପୁତ୍ର ଶହୀଦ ରଞ୍ଜନ ଦାଶଙ୍କ ଅଷ୍ଟମ ଶହୀଦ ବାର୍ଷିକୀ ପାଳିତ ହୋଇଯାଇଛି। ଡିଜି ସିଆରପିଏଫ ଡିଆଇଜି ସଂଜୟ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ମୃତି କମିଟିର ସମ୍ପାଦକ ରିଲୁ ଶତପଥୀ, ପ୍ରଧାନଶିକ୍ଷକ ପ୍ରଦୀପ ସାହୁ, ପ୍ରଧାନଶିକ୍ଷକ ମୋହନ ସାହୁ, ସିଆରପିଏଫ ଆସିଷ୍ଟାଣ୍ଡ କମାଣ୍ଡେଣ୍ଟ ଭଗବାନ ସାହୁ, ସିଆରପିଏଫ ସୁଶାନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଶହୀଦଙ୍କ ମାତା କୁମୋବତୀ ଦାଶ, ବଡ଼ଭାଇ ଉତ୍ତମ ଦାଶ ଏବଂ ମଦନ ମୋହନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଶହୀଦ ପୀଠରେ ମାଲ୍ୟାର୍ପଣ କରି ଶହୀଦଙ୍କୁ ସମ୍ମାନ ଦିଆଯାଇଥିବା ବେଳେ ଆୟୋଜିତ ସଭାରେ ସହିଦଙ୍କ ସ୍ମୃତିଚରଣ କରାଯାଇଥିଲା। ଗ୍ରାମର ଭଦ୍ରମଣ୍ଡଳୀ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ଓ ନିଷ୍ଠା ପରିବାରର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ନାରାୟଣ ନାଗ ମଞ୍ଚ ପରିଚାଳନା କରିଥିବା ବେଳେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର

**ବରପାଲି, ୩୦।୩ (ସମିସ):** ବରପାଲି ମହବିଦ୍ୟାଳୟରେ ଆୟୋଜିତ ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ କାର୍ଯ୍ୟକାରୀ ଅଧ୍ୟକ୍ଷା ମମତା ସାହୁଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରାଧ୍ୟାପକ ସୁଶୀଳ ଶତପଥୀ ଯୋଗ ଦେଇଥିଲେ। ଇତିଶା ମହାପାତ୍ରଙ୍କ ସଂଯୋଜନାରେ ସଭା ପରିଚାଳିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ଆଲୁମନି ସଦସ୍ୟ ବେଦମତୀ ପରିଡା ଯୋଗ ଦେଇଥିଲେ। ସଂଯୋଜିକା ଭାବରେ ଅଧ୍ୟାପିକା ନତସା ସିକନ୍ଦର ବଟାନି ବିଭାଗ ଓ ସହଯୋଗୀ ଭାବରେ ଅଞ୍ଜନା ଭୋଇ ରାଜନୀତି ବିଜ୍ଞାନ ବିଭାଗଙ୍କ ତତ୍ତ୍ୱାବଧାନରେ ଆତ୍ମସୁରକ୍ଷା ତାଲିମ୍ ଶିବିରଟି ପରିଚାଳିତ ହୋଇଥିଲା। ଛାତ୍ରୀ ପୁଷ୍ପାଞ୍ଜଳି ଦଣ୍ଡସେନା ଧନ୍ୟବାଦ ଜଣାଇଥିଲେ। ଶିବିରଟି ୧ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୮ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଶିବିରରେ ମାଷ୍ଟର ଟ୍ରେନର୍ ଭାବରେ କବିତା ବୁଡେକ ଓ ଅଙ୍ଗଚାଳନା ପାଇଁ ଚମ୍ପିକା ପଧାନ ୧୨୦ଜଣ ଶିକ୍ଷାର୍ଥୀଙ୍କୁ ତାଲିମ ଦେଇଥିଲେ।




# କଳାହାଣ୍ଡି କପ୍ କ୍ରିକେଟ୍ ପାଇଁ ଦେବଗଡ଼ ଦଳର ଗସ୍ତ

**ଦେବଗଡ଼, ୩୦।୩ (ସମିସ)**

ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ହେଉଥିବା କଳାହାଣ୍ଡି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଦେବଗଡ଼ ଜିଲ୍ଲା ଟିମ କଟକ ଗସ୍ତ କରିଛି। ନିକଟରେ ଦେବଗଡ଼ଠାରେ ଅନୁଷ୍ଠିତ ଚୟନ ଶିବିରରେ ଭାଗ ନେଇଥିବା ଖେଳାଳିଙ୍କ ମଧ୍ୟରୁ ଶ୍ରେଷ୍ଠ ୧୫ ଜଣଙ୍କୁ ଚୟନ କରାଯାଇଥିଲା। ଏହି ଖେଳାଳି ଦେବଗଡ଼ ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ କଟକଠାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ। ସେଠାରେ ଦେବଗଡ଼ ଜିଲ୍ଲା ଦଳ ଛଅଟି ମ୍ୟାଚ ଖେଳିବ ବୋଲି ଜଣାପଡିଛି। ଆସନ୍ତା ଏପ୍ରିଲ ୧ ତାରିଖରେ ପ୍ରଥମ ମ୍ୟାଚ ରାୟଗଡା ସହ ଖେଳିବ। ସେହିପରି ୨ ତାରିଖରେ ସୋନପୁର ଜିଲ୍ଲା, ୩ ତାରିଖରେ କଳାହାଣ୍ଡି, ୫ତାରିଖରେ ଜଗତସିଂହପୁର, ୮ ତାରିଖରେ ବଲାଙ୍ଗିର ଓ ୯ ତାରିଖ ସମ୍ବଲପୁର ଜିଲ୍ଲା ସହ ଖେଳିବାର କାର୍ଯ୍ୟକ୍ରମ ରହିଥିବା ନେଇ ଜିଲ୍ଲା କ୍ରିକେଟ ସଙ୍ଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।




# 'ଶିଶୁ ପଢ଼ିବେ ଦେଶ ଗଢ଼ିବେ' ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୩୦।୩(ସମିସ):** ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ସମସ୍ତ ଅଭିଭାବକ/ଅଭିଭାବିକାଙ୍କୁ ନେଇ 'ଶିଶୁ ପଢ଼ିବେ ଦେଶ ଗଢ଼ିବେ' ନାମକ ଏକ ସ୍ୱତନ୍ତ୍ର ଧରଣର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବକୁ ପଞ୍ଚପଡ଼ା ସିଆରସିସି ସୂରଜ୍ ପଟେଲ ଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥଲେ। କାର୍ଯ୍ୟକ୍ରମରେ ସମାଜସେବୀ ଅଶୋକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ବିଦ୍ୟାଳୟର ସମ୍ପାଦକ ଦିଗାମ୍ବର ମାଝୀ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟା ମମତା ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁଙ୍କର ଶୈକ୍ଷିକ, ବୌଦ୍ଧିକ, ଆଧ୍ୟାତ୍ମିକ, ଶାରୀରିକ ଓ ସଂସ୍କାରମୂଳକ ଶିକ୍ଷା କେବଳ ବିଦ୍ୟାଳୟରେ ହିଁ ହୋଇପାରିବ ତାହା ଠିକ୍ ନୁହଁ ବୋଲି ମୁଖ୍ୟଅତିଥି ନିଜ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟର ସମ୍ପାଦକ ଏହି ସବୁ କ୍ଷେତ୍ରରେ ମା'ମାନଙ୍କ ଭୂମିକା ଅତି ଜରୁରୀ ଓ ମାଆମାନେ ଚାହିଁଲେ ଶିଶୁ ପଢ଼ିବେ ଓ ଦେଶ ଗଢ଼ିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମାଆ ମାନଙ୍କ ଦାୟିତ୍ୱରେ ରଞ୍ଜିତା ନାଏକ, ଝରଣା ସାହୁ, ଚନ୍ଦ୍ରିକା କିଶାନ ଥିବା ବେଳେ ଅର୍ଜୁ ପଟେଲ ବାପା ମାନଙ୍କ ଦାୟିତ୍ୱରେ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ତାରିଣୀ ପ୍ରିୟା ମହାନ୍ତି ସମସ୍ତ ବ୍ୟବସ୍ଥା କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦୭ ଜଣ ମାଆ ୩୫ ଜଣ ପିତା ସାମିଲ୍ ହୋଇଥିଲେ। ପରିଶେଷରେ ବିଦ୍ୟାଳୟର ବାର୍ଷିକ ପରୀକ୍ଷା ଫଳାଫଳକୁ ଘୋଷଣା କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର କୋଷାଧ୍ୟକ୍ଷା ପ୍ରିୟଙ୍କା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

